

# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS



ବର୍ଷ- ୧୧ ସଂଖ୍ୟା-୨୧୯ ଭୁବନେଶ୍ୱର ମଙ୍ଗଳବାର, ଅପ୍ରେଲ୍ ୨୯,୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.219 Bhubaneswar, Tuesday, April 29, 2025


# ଭାରତ ଭୟରେ ଚୀନ୍ - ରୁଷର ଗୋଡ ତଳେ ପଡିଲାଣି ପାକିସ୍ତାନ

ନୂଆଦିଲ୍ଲୀ,୨୮/୪: ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖଓ୍ୱାଜା ଆସିଫ୍ ଭାରତୀୟ ସାମରିକ ଆକ୍ରମଣର ଭୟକୁ ସ୍ୱୀକାର କରିଛନ୍ତି। ନ୍ୟୁଜ୍ ଏଜେନ୍ସି ରଏଟର୍ସ ଅନୁଯାୟୀ, ଆସିଫ୍ ସୋମବାର କହିଥିଲେ ଯେ ଭାରତରୁ ଆକ୍ରମଣ ନିଶ୍ଚିତ ଏବଂ ଏହା ଖୁବ୍‌ଶୀଘ୍ର ହେବ। ଭାରତରୁ ଆକ୍ରମଣ ଆଶଙ୍କାକୁ ଦୃଷ୍ଟିରେ ରଖି ପାକିସ୍ତାନର ପ୍ରସ୍ତୁତି ବିଷୟରେ ମଧ୍ୟ ଖଓ୍ୱାଜା ଆସିଫ୍ ସୂଚନା ଦେଇଥିଲେ। ସେ କହିଛନ୍ତି, "ଭାରତରୁ ଆକ୍ରମଣ ନିଶ୍ଚିତ ହୋଇଥିବାରୁ ଆମେ ଆମର ସୁରକ୍ଷା ବାହିନୀକୁ ମଜବୁତ କରିବା ଆରମ୍ଭ କରିଛୁ। ଏହି ପରିସ୍ଥିତିରେ, କିଛି କୂଟନୈତିକ ନିଷ୍ପତ୍ତି ନେବାକୁ ପଡିବ ଏବଂ ଏହି ନିଷ୍ପତ୍ତି ନିଆଯାଉଛି।" ସେ କହିଛନ୍ତି ଯେ ପାକିସ୍ତାନୀ ସେନା ଭାରତରୁ ଯେକୌଣସି ପ୍ରକାରର ଆକ୍ରମଣର ସମ୍ଭାବନା ବିଷୟରେ ସରକାରଙ୍କୁ ସୂଚନା ଦେଇଛି। ତଥାପି, ଆସିଫ୍ ଏହି ପ୍ରସଙ୍ଗରେ ଅଧିକ ସୂଚନା ଦେଇ ନଥିଲେ। ଆସିଫ୍ କହିଛନ୍ତି ଯେ ପାକିସ୍ତାନ ହାଇ ଆଲର୍ଟରେ ଅଛି ଏବଂ ଆମର ଅସ୍ତିତ୍ୱ ବିପଦରେ ପଡ଼ିଲେ ହିଁ ଆମେ ଆମର ପରମାଣୁ ଅସ୍ତ୍ରଶସ୍ତ୍ର ଭଣ୍ଡାର ବ୍ୟବହାର କରିବୁ। ଉଲ୍ଲେଖନୀୟ ଯେ ଜମ୍ମୁ-କାଶ୍ମୀରର ପହଲଗାମରେ ୨୨ ଏପ୍ରିଲରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ପ୍ରାଣ ହରାଇଥିଲେ। ଏହି ଘଟଣାରେ ପାକିସ୍ତାନର ହାତ ଥିବା ଜଣାପଡ଼ିଯାଇଛି। ଭାରତ ପ୍ରକାଶ କରିଛି ଯେ ମୋଟ ଚାରି ଜଣ ଆତଙ୍କବାଦୀଙ୍କ ମଧ୍ୟରୁ ଦୁଇଜଣ ପାକିସ୍ତାନୀ। ଏହି ଘଟଣାକୁ ଦୃଷ୍ଟିରେ ରଖି, ଭାରତ ପାକିସ୍ତାନ ବିରୁଦ୍ଧରେ ଗୋଟିଏ ପରେ ଗୋଟିଏ କାର୍ଯ୍ୟାନୁଷ୍ଠାନ ଜାରି ରଖିଛି ଏବଂ ସିନ୍ଧୁ ଜଳ ଚୁକ୍ତିନାମା ରଦ୍ଦ କରିବା ପରେ, ସୋମବାର ଦିନ ପାକିସ୍ତାନୀ ୟୁଟ୍ୟୁବ୍ ଚ୍ୟାନେଲଗୁଡ଼ିକୁ ମଧ୍ୟ ଭାରତରେ ବନ୍ଦ କରିଦେଇଛି। ଏହା ଉଲ୍ଲେଖନୀୟ ଯେ ଖଓ୍ୱାଜା ଆସିଫ୍ ପୂର୍ବରୁ ତାଙ୍କର ଏକ ବିବୃତ୍ତି ମାଧ୍ୟମରେ ସାର୍ବଜନୀନ ଭାବରେ ସ୍ୱୀକାର କରିଥିଲେ ଯେ ପାକିସ୍ତାନ ସରକାର ଗତ ତିନି ଦଶନ୍ଧି ଧରି ଆତଙ୍କବାଦୀ ସଂଗଠନଗୁଡ଼ିକୁ ସମର୍ଥନ ଏବଂ ତାଲିମ ଦେବାର 'ଘୃଣ୍ୟ କାମ' କରିଆସୁଛି।ଋଷର ସରକାରୀ ସମାଚାର ଏଜେନ୍ସି ଜଓଇ ନୋଭୋସ୍ତିକୁ ଏକ ସାମ୍ପ୍ରତିକ ସାକ୍ଷାତକାରରେ, ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖଓ୍ୱାଜା ଆସିଫ୍ ପହଲଗାମ ଆକ୍ରମଣର ଅନ୍ତର୍ଜାତୀୟ ତଦନ୍ତରେ ଚୀନ୍ ଏବଂ ରୁଷର ସମ୍ପୃକ୍ତି ବିଷୟରେ କହିଥିଲେ। ସେ କହିଥିଲେ ଯେ ମୁଁ ଭାବୁଛି ରୁଷ କିମ୍ବା ଚୀନ କିମ୍ବା ଏପରିକି ପାଶ୍ଚାତ୍ୟ ଦେଶଗୁଡ଼ିକ ଏହି ସଙ୍କଟରେ ବହୁତ ସକାରାତ୍ମକ ଭୂମିକା ଗ୍ରହଣ କରିପାରିବେ। ସେମାନେ ଏକ ତଦନ୍ତ ଦଳ ମଧ୍ୟ ଗଠନ କରିପାରିବେ ଯାହାକୁ ଭାରତ ମିଛ କହୁଛି ନା ସତ କହୁଛି ତାହା ତଦନ୍ତ କରିବା ପାଇଁ ଦାୟିତ୍ୱ ଦିଆଯିବା ଉଚିତ। ସେ କହିଥିଲେ ଯେ ଏକ ଅନ୍ତର୍ଜାତୀୟ ଦଳକୁ ଏହି ଘଟଣାର ତଦନ୍ତ କରିବାକୁ ଦିଅନ୍ତୁ। ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖଓ୍ୱାଜା ଆସିଫ କହିଛନ୍ତି ଯେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ମଧ୍ୟ ଅନ୍ତର୍ଜାତୀୟ ତଦନ୍ତର ପ୍ରସ୍ତାବ ଦେଇଛନ୍ତି। ଏଥିରେ ପାକିସ୍ତାନ ଜଡିତ ଥିବାର କିଛି ପ୍ରମାଣ ନିଶ୍ଚୟ ଅଛି କିମ୍ବା ଏହି ଲୋକମାନଙ୍କୁ ପାକିସ୍ତାନର ସମର୍ଥନ ଥିଲା ଏଗୁଡ଼ିକ କେବଳ ଫମ୍ପା ବକ୍ତବ୍ୟ, ତାହା ଛଡା ଅନ୍ୟ କିଛି ନୁହେଁ।

# ସେନାକୁ ମିଳିବ ରାଫେଲ ଶକ୍ତି

## ୨୬ଟି ରାଫେଲ ସାମୁଦ୍ରିକ ଯୁଦ୍ଧ ବିମାନ କ୍ରୟ କରିବ ଭାରତ

ନୂଆଦିଲ୍ଲୀ,୨୮/୪: ଆଜି ଭାରତ-ଫ୍ରାନ୍ସ ରାଫେଲା ଚୁକ୍ତି। ଉଭୟ ଦେଶ ୨୬ଟି ରାଫେଲ ସାମୁଦ୍ରିକ ଯୁଦ୍ଧ ବିମାନ ପାଇଁ ଚୁକ୍ତି ସ୍ୱାକ୍ଷର କରିବେ। ୬୩ ହଜାର କୋଟି ଟଙ୍କାର ଏହି ଚୁକ୍ତି ହେବ। ରାଫେଲ ଏମ ଜେଟ୍ ଆଇଏନଏସ ବିକ୍ରାନ୍ତରୁ କାର୍ଯ୍ୟ କରିବ। ମିଗ-୨୯କେ ଫ୍ଲିଟର ପରିପୂରକ ହେବ ରାଫେଲ ଏମ ଜେଟ୍।ଭାରତୀୟ ବାୟୁସେନାରେ ୨୦୧୬ରେ ୩୬ଟି ରାଫେଲ ଜେଟ୍ ବିମାନର ଏକ ଫ୍ଲିଟ୍ ପରିଚାଳନା କରୁଛି। ଏହି ବିମାନଗୁଡ଼ିକ ଅମ୍ବାଲା ଏବଂ ହାସିମାରାରେ ବେସରେ ଅବସ୍ଥିତ। ଏହି ନୂତନ ଚୁକ୍ତି ଦ୍ୱାରା ଭାରତରେ ରାଫେଲ ଜେଟ୍ର ମୋଟ ସଂଖ୍ୟା ୬୨କୁ ବୃଦ୍ଧି ପାଇବ। ଭାରତ ପାକିସ୍ତାନ ମଧ୍ୟରେ ଉତ୍ତେଜନାପୂର୍ଣ୍ଣ ସମ୍ପର୍କ ମଧ୍ୟରେ ଭାରତ ଏବଂ ଫ୍ରାନ୍ସ ଆଜି ଦିଲ୍ଲୀରେ ୨୬ଟି ରାଫେଲ ସାମୁଦ୍ରିକ ଯୁଦ୍ଧ ବିମାନ ପାଇଁ




୬୩ ହଜାର କୋଟି ଟଙ୍କାର ଚୁକ୍ତି ସ୍ୱାକ୍ଷର କରିବେ। ଏହି କାର୍ଯ୍ୟକ୍ରମରେ ଭାରତୀୟ ପ୍ରତିରକ୍ଷା ମନ୍ତ୍ରଣାଳୟର ଅଧିକାରୀ ଏବଂ ଭାରତରେ ଫ୍ରାନ୍ସ ରାଷ୍ଟ୍ରଦୂତ ଉଭୟ ପକ୍ଷର ପ୍ରତିନିଧିତ୍ୱ କରିବେ। ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂହ ଭାରତୀୟ ପକ୍ଷର ପ୍ରତିନିଧିତ୍ୱ କରିପାରନ୍ତି। ଫ୍ରାନ୍ସ ଏବଂ ଭାରତୀୟ ପ୍ରତିରକ୍ଷା ମନ୍ତ୍ରୀ ଭର୍ଚୁଆଲ୍ ଭାବରେ ଯୋଗ ଦେଇପାରନ୍ତି। ପୂର୍ବରୁ, ଫ୍ରାନ୍ସ ପ୍ରତିରକ୍ଷା ମନ୍ତ୍ରୀ ନିଜେ ସ୍ୱାକ୍ଷର ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ଥିଲା କିନ୍ତୁ ବ୍ୟକ୍ତିଗତ କାରଣରୁ ତାଙ୍କୁ ତାଙ୍କର ଗସ୍ତ ବାତିଲ କରିବାକୁ ପଡିଛି। ଭାରତ ଏବଂ ଫ୍ରାନ୍ସ ସରକାରଙ୍କ ମଧ୍ୟରେ ଏହି ଡିଲ ପାଇଁ ଖର୍ଚ୍ଚ ହେବ ୬୩ ହଜାର କୋଟି ।ଭାରତୀୟ ନୌସେନାର ୨୨ ସିଙ୍ଗଲ-ସିଟର ଏବଂ ଚାରିଟି ଟୁଇନ-ସିଟର ବିମାନ କିଣିବ ଭାରତ। ଏହି ଚୁକ୍ତି ଭାରତୀୟ ନୌସେନାର କ୍ଷମତାକୁ ବୃଦ୍ଧି କରିବାରେ ସହାୟକ ହେବ।ରାଫେଲ-ଏମ୍ ଜେଟ୍‌ଗୁଡ଼ିକ ଫ୍ରାନ୍ସର ଡାସଲ୍ଟ ଏଭିଏସନ୍ କମ୍ପାନୀ ଦ୍ୱାରା ନିର୍ମିତ ଭାରତୀୟ ବାୟୁସେନାର ରାଫେଲ୍ ବିମାନ ପରି ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ କ୍ଷମତାରେ ସଜ୍ଜିତ। ସାମୁଦ୍ରିକ ଅଂଚଳରେ କାର୍ଯ୍ୟ କରିବାର କ୍ଷମତା ବୃଦ୍ଧି ପାଇବ। ପାକିସ୍ତାନ ଭଳି ଶକ୍ତି ବିରୁଦ୍ଧରେ ଭାରତ ଆହୁରି ଶକ୍ତିଶାଳୀ ହେବ। ଏହି ଚୁକ୍ତି କେବଳ ପ୍ରତିରକ୍ଷା କ୍ଷେତ୍ର ପାଇଁ ନୁହେଁ ବରଂ ଏହା ଭାରତୀୟ କୂଟନୈତିକ ସ୍ତରରେ ମଧ୍ୟ ନୂତନ ଦିଗଦର୍ଶନ ଦେବ।

## ଭାରତର ଡିଜିଟାଲ୍ ଷ୍ଟ୍ରାଇକ୍

### ଭାରତରେ ବ୍ୟାନ୍ ହେଲା ପାକିସ୍ତାନ ୟୁଟୁବ୍ ଚ୍ୟାନେଲ

ନୂଆଦିଲ୍ଲୀ,୨୮/୪:ପହଲଗାମ ଆକ୍ରମଣ ପରେ ପାକିସ୍ତାନ ବିରୋଧରେ ଗୋଟାଏ ପରେ ଗୋଟାଏ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ଭାରତ ସରକାର। ପହଲଗାମ ଆକ୍ରମଣ ଘଟଣା । ଭାରତରେ ପାକିସ୍ତାନ ୟୁଟ୍ୟୁବ୍ ଚ୍ୟାନେଲ ବ୍ୟାନ୍। ଏବେ ସରକାର ସୋଏବ ଅଖତରଙ୍କ ସମେତ ୧୬ ଜଣକ ୟୁଟ୍ୟୁବରଙ୍କର ଚ୍ୟାନେଲ୍‌କୁ ଅବରୋଧ କରିଛନ୍ତି। ସରକାରୀ ସୂତ୍ର ଅନୁଯାୟୀ, ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଉତ୍ତେଜନାମୂଳକ ଏବଂ ସାମ୍ପ୍ରଦାୟିକ ସମ୍ବେଦନଶୀଳ ବିଷୟବସ୍ତୁ ପ୍ରସାରଣ ପାଇଁ ଭାରତରେ ମୋଟ ୬୩ ମିଲିୟନ୍ ସବସ୍କ୍ରାଇବର୍ ସହିତ ୧୬ଟି ପାକିସ୍ତାନୀ ୟୁଟ୍ୟୁବ୍ ଚ୍ୟାନେଲକୁ ନିଷିଦ୍ଧ କରାଯାଇଛି। କେନ୍ଦ୍ର ଗୃହ ମନ୍ତ୍ରଣାଳୟର ସୁପାରିସରେ ଏହି ୟୁଟ୍ୟୁବ୍ ଚ୍ୟାନେଲଗୁଡ଼ିକୁ ନିଷିଦ୍ଧ କରାଯାଇଛି। ନିଷିଦ୍ଧ ପ୍ଲାଟଫର୍ମଗୁଡ଼ିକରେ ଡନ୍, ସମା ଟିଭି, ଏଆରୱାଇ ନ୍ୟୁଜ୍, ବୋଲ୍ ନ୍ୟୁଜ୍, ରଫତାର, ଜିଓ ନ୍ୟୁଜ୍ ଏବଂ ସୁନୋ ନ୍ୟୁଜ୍ ଭଳି ନ୍ୟୁଜ୍ ଚ୍ୟାନେଲଗୁଡ଼ିକ ଅନ୍ତର୍ଭୁକ୍ତ।




## ୩ ଯାଏ କାଳବୈଶାଖୀ ପ୍ରଭାବ



ଭୁବନେଶ୍ୱର,୨୮/୪: ମେ'ରୁ ଅଗଷ୍ଟ ମାସ ମଧ୍ୟରେ ରାଜ୍ୟରେ ସ୍ୱାଭାବିକଠାରୁ ଅଧିକ ଗରମ ଅନୁଭୂତ ହେବ। ଜୁଲାଇ ୧୫ରୁ ଅଗଷ୍ଟ ୧୫ ମଧ୍ୟରେ ବର୍ଷା କମ୍ ରହିପାରେ। ଓଡ଼ିଶା ସମେତ ଆନ୍ଧ୍ର ଉପକୂଳ, ଛତିଶଗଡ଼, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗରେ ମେ' ମାସରେ ସ୍ୱାଭାବିକଠାରୁ ଅଧିକ ଗରମ ହେବା ସହ ଗ୍ରୀଷ୍ମ ଲହରି ଲାଗିରହିବ। ଆଭ୍ୟନ୍ତରୀଣ ଓଡ଼ିଶାରେ ଜାରି ରହିଥିବା ଗରମରୁ ଏବେ ନିସ୍ତାର ମିଳିବ ନାହିଁ। ମେ' ୩ ପର୍ଯ୍ୟନ୍ତ କାଳବୈଶାଖୀ ଜାରି ରହିବାକୁ ଥିବାରୁ ତାପମାତ୍ରା ସାମାନ୍ୟ କମିବ। ଗରମ କମିବ, ମାତ୍ର ଗୁଳୁଗୁଳି ବଢ଼ିବ ବୋଲି ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ ପୂର୍ବାନୁମାନ କରିଛନ୍ତି। ସେପଟେ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ସର୍ବୋଚ୍ଚ ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବ ନାହିଁ। ୨୯ ତାରିଖ ସକାଳ ମଧ୍ୟରେ ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଜିଲ୍ଲାରେ ବିଜୁଳି, ଘଡ଼ଘଡ଼ି ସହ ୫୦ରୁ ୬୦ କିମି ବେଗରେ ପବନ ହେବାକୁ ଥିବାରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି। ଅନ୍ୟ ଜିଲ୍ଲାଗୁଡ଼ିକରେ କାଳବୈଶାଖୀ ବର୍ଷା ହେବାକୁ ଥିବାରୁ ୟେଲୋ ୱାର୍ଣ୍ଣିଂ ଦିଆଯାଇଛି। ୩୦ ତାରିଖରେ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାରେ କାଳବୈଶାଖୀ ପ୍ରଭାବ ଅଧିକ ରହିବାକୁ ଥିବାରୁ ଅରେଞ୍ଜ ୱାର୍ଣ୍ଣିଂ ଦିଆଯାଇଛି।

## ଜମାକାରୀଙ୍କ ଅର୍ଥ ଫେରସ୍ତ ପ୍ରକ୍ରିୟା ଆରମ୍ଭ



ଭୁବନେଶ୍ୱର,୨୮/୪: ଓଡ଼ିଶାରେ ସମବାୟ ଆନ୍ଦୋଳନର ଆଦ୍ୟ ପ୍ରବକ୍ତା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ଆଜି ଭୁବନେଶ୍ୱର ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ଜମାକାରୀମାନଙ୍କ ଅର୍ଥ ଫେରସ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ସମୁଦାୟ ୯,୫୩୭ ଜଣ ଜମାକାରୀ ୨୦ କୋଟି ୯୬ ଲକ୍ଷ ଟଙ୍କା ଫେରସ୍ତ ପାଇବାର ପ୍ରକ୍ରିୟା ଆରମ୍ଭ ହୋଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏହି ଅର୍ଥ ଫେରସ୍ତ ପ୍ରକ୍ରିୟାର ଶୁଭାରମ୍ଭ କରିଛନ୍ତି। ଆଜି ପ୍ରଥମ ଦିନରେ ୧୧୭ ଜଣ ଜମାକାରୀଙ୍କ ୨ କୋଟି ୮୦ ଲକ୍ଷ ଟଙ୍କା ଫେରସ୍ତ କରାଗଲା। ମୁଖ୍ୟମନ୍ତ୍ରୀ ପ୍ରତିକାତ୍ମକ ଭାବେ ୯ ଜଣ ଜମାକାରୀଙ୍କୁ ଚେକ୍ ପ୍ରଦାନ କରି ଅର୍ଥ ଫେରସ୍ତ କରିଥିଲେ। ସୂଚନାଯୋଗ୍ୟ ଯେ, ଦୀର୍ଘଦିନର ପରିଚାଳନାଗତ ତ୍ରୁଟି ଯୋଗୁଁ ଭୁବନେଶ୍ୱର ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ଆର୍ଥିକ ପରିସ୍ଥିତି ଖରାପ ହୋଇଯାଇଥିଲା। ୨୦୧୫ ରେ ବ୍ୟାଙ୍କ ବନ୍ଦ ହେବା ବେଳକୁ ୧୧,୬୭୩ ଜଣ ଜମାକାରୀଙ୍କ ୩୩ କୋଟି ୮୭ ଲକ୍ଷ ଟଙ୍କା ଫେରସ୍ତ ହେବାର ଥିଲା। ଇତି ମଧ୍ୟରେ ୨୭୦୯ ଜଣ ଜମାକାରୀଙ୍କ ମୋଟ ୧୨ କୋଟି ୭୮ ଲକ୍ଷ ଟଙ୍କା ଫେରସ୍ତ କରାଯାଇଥିବା ବେଳେ ୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଥିବା ଜମାକାରୀ ସେମାନଙ୍କ ଅର୍ଥ ଫେରସ୍ତ ପାଇ ପାରିନଥିଲେ। ନୂଆ ସରକାର ଆସିବା ପରେ ମୁଖ୍ୟମନ୍ତ୍ରୀ ଏହି ଜମାକାରୀମାନଙ୍କର ଅର୍ଥ ଫେରସ୍ତ ପାଇଁ ନିଷ୍ପତ୍ତି ନେଇଥିଲେ। ଏହା ସହିତ ଢେଙ୍କାନାଳ, ଛତ୍ରପୁର, ଆସ୍କା ଓ ଭଞ୍ଜନଗର ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ଗୁଡ଼ିକର ଜମାକାରୀଙ୍କ ଅର୍ଥ ମଧ୍ୟ ଫେରସ୍ତ କରାଯିବ। ଏହି ୪ ଟି ବ୍ୟାଙ୍କର ୧୭,୮୫୯ ଜଣ ଜମାକାରୀଙ୍କୁ ୬ କୋଟିରୁ ଅଧିକ ଟଙ୍କା ଫେରସ୍ତ କରାଯିବ। ଏହି ଅବସରରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଥିଲେ ଯେ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଅନେକ ଅବିସ୍ମରଣୀୟ ଅବଦାନ ମଧ୍ୟରୁ ଏକ ପ୍ରମୁଖ ଅବଦାନ ଥିଲେ ଓଡ଼ିଶାରେ ସମବାୟ ଆନ୍ଦୋଳନ। ଉତ୍କଳ ଗୌରବଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଶାରେ ପ୍ରାୟ ୫୦ ଲକ୍ଷ ଚାଷୀ ସମବାୟ ଆନ୍ଦୋଳନ ସହିତ ଜଡ଼ିତ। ୨୦୩୬ ସୁଦ୍ଧା ରାଜ୍ୟର ସମସ୍ତ କୃଷକଙ୍କୁ ସମବାୟ ସହିତ ଯୋଡ଼ିବା ଆମର ଲକ୍ଷ୍ୟ। ଏଥିପାଇଁ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଗୋଟିଏ PACS/LAMPCS ଗଠନ କରାଯିବାର ମଧ୍ୟ ଲକ୍ଷ୍ୟ ରହିଛି। ମୁଖ୍ୟମନ୍ତ୍ରୀ କହିଥିଲ ଯେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଦାୟିତ୍ୱ ନେବା ପରଠାରୁ ଦେଶର ବିଭିନ୍ନ କ୍ଷେତ୍ର ସହିତ ସମବାୟ କ୍ଷେତ୍ରକୁ ମଧ୍ୟ ସଶକ୍ତ କରିଛନ୍ତି। ସମବାୟକୁ ଏକ ସ୍ୱତନ୍ତ୍ର ମନ୍ତ୍ରାଳୟ କରାଯାଇ ଅମିତ ଶାହାଜୀଙ୍କ ନେତୃତ୍ୱରେ ପରିଚାଳନା କରାଯାଉଛି। ଗୁଜରାଟ ହେଉଛି ସମବାୟର ଏନ୍ତୁଡ଼ିଶାଳ। ମୋଦୀଜୀଙ୍କ ନେତୃତ୍ୱରେ ସେଠାରେ ସମବାୟ ଆନ୍ଦୋଳନ ଏକ ଗଣ ଆନ୍ଦୋଳନରେ ପରିଣତ ହୋଇପାରିଛି ବୋଲି ମତ ଦେଇ ସେ କହିଥିଲେ ଯେ, ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଓଡ଼ିଶାରେ ମଧ୍ୟ ସମବାୟ ଆନ୍ଦୋଳନରେ ପରିଣତ କରାଯିବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟରେ ୨୭୧୧ ଟି PACS ଥିବାବେଳେ ବର୍ତ୍ତମାନ ଆଉ ୧୫୪୨ଟି ନୂଆ PACS ଗଠନ କରାଯାଇଛି। ଏଇ ନୂଆ PACS ଗୁଡ଼ିକୁ ୫ ଲକ୍ଷ ଟଙ୍କା ଲେଖାଏଁ Seed Money ଦିଆଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ରାଜ୍ୟର ସମବାୟ ସଂସ୍ଥାଗୁଡ଼ିକୁ ସଶକ୍ତ କରିବା ପାଇଁ ଗୁଜରାଟ ଆନନ୍ଦ ସ୍ଥିତ ତ୍ରିଭୂବନ ସମବାୟ ବିଶ୍ୱ ବିଦ୍ୟାଳୟ ଅନ୍ତର୍ଗତ ଇର୍‌ମା ସ୍କୁଲ ସହିତ ରାଜ୍ୟ ସରକାରଙ୍କ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ Registrar of Co-Operative Societies ଶ୍ରୀ ସିଦ୍ଧାର୍ଥ ଦାସ ଏବଂ ଇର୍‌ମା ସ୍କୁଲର ନିର୍ଦ୍ଦେଶକ ଶ୍ରୀ ଉମାକାନ୍ତ ଦାଶ MoU ସ୍ୱାକ୍ଷର କରିଥିଲେ।

# ୭୧ଙ୍କୁ 'ପଦ୍ମ' ପୁରସ୍କାର

## ୪ଜଣଙ୍କୁ ପଦ୍ମବିଭୂଷଣ, ୧୦ଜଣଙ୍କୁ ପଦ୍ମଭୂଷଣ ଓ ୫୭ଜଣଙ୍କୁ ପଦ୍ମଶ୍ରୀ

ନୂଆଦିଲ୍ଲୀ,୨୮/୪: ଚଳିତ ବର୍ଷ ପାଇଁ ଭାରତ ସରକାରଙ୍କ ପକ୍ଷରୁ 'ପଦ୍ମ' ପୁରସ୍କାର ପ୍ରଦାନ କରାଯାଇଛି। ସୋମବାର ରାଷ୍ଟ୍ରପତି ଭବନର ଗଣତନ୍ତ୍ର ମଣ୍ଡପରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଦ୍ମ ପୁରସ୍କାର ପାଇଁ ମନୋନୀତ ବ୍ୟକ୍ତିବିଶେଷଙ୍କ 'ପଦ୍ମ' ପୁରସ୍କାରରେ ସମ୍ମାନିତ କରିଛନ୍ତି। ତେବେ ସୋମବାର ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁଙ୍କ ଦ୍ୱାରା 'ପଦ୍ମ' ପୁରସ୍କାରରେ ସମ୍ମାନିତ ହୋଇଥିବା ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଓଡ଼ିଶାର ୩ଜଣ ସାମିଲ ରହିଛନ୍ତି। ସେହିପରି ଚଳିତ ବର୍ଷ ଆଉ ଜଣେ ଓଡ଼ିଆ ସାହିତ୍ୟିକା ପ୍ରତିଭା ଶତପଥୀ ମଧ୍ୟ ପଦ୍ମଶ୍ରୀ ସମ୍ମାନ ପାଇଁ ମନୋନୀତ ହୋଇଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ପୁରସ୍କାର ସମାରୋହରେ ପ୍ରତିଭା ଶତପଥୀଙ୍କୁ ସମ୍ମାନିତ କରାଯିବା ନେଇ କାର୍ଯ୍ୟକ୍ରମ ସ୍ଥିରିକୃତ ହୋଇଛି। ରିପୋର୍ଟ ଅନୁସାରେ ଚଳିତ ବର୍ଷ ପାଇଁ ମୋଟ୍ ୧୩୯ଜଣଙ୍କୁ ପଦ୍ମ ପୁରସ୍କାର ପାଇଁ ମନୋନୀତ କରାଯାଇଥିବା ବେଳେ ସୋମବାର କିନ୍ତୁ ୭୧ଜଣଙ୍କୁ ସମ୍ମାନିତ କରାଯାଇଛି। ଏମାନଙ୍କ ମଧ୍ୟରେ ୪ଜଣଙ୍କୁ ପଦ୍ମ ବିଭୂଷଣ ସମ୍ମାନ ମିଳିଥିବା ବେଳେ ୧୦ଜଣଙ୍କୁ ପଦ୍ମ ଭୂଷଣ ଏବଂ ୫୭ଜଣଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରିଛନ୍ତି ରାଷ୍ଟ୍ରପତି। ସେହିପରି ଅନ୍ୟ ୬୮ଜଣଙ୍କୁ ଅନ୍ୟ ଏକ ଧାର୍ଯ୍ୟ ତାରିଖରେ ସମ୍ମାନିତ କରାଯିବ ବୋଲି ରାଷ୍ଟ୍ରପତି ଭବନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ୬୮ଜଣଙ୍କ ମଧ୍ୟରେ ଓଡ଼ିଶାର ପ୍ରତିଭା ଶତପଥୀ ମଧ୍ୟ ସାମିଲ ଅଛନ୍ତି। ଆଜିର ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତିଙ୍କ ସହ ଭାରତର ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏବଂ କେନ୍ଦ୍ର ସରକାରଙ୍କ ଅନେକ ମନ୍ତ୍ରୀ ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିଥିଲେ। ରିପୋର୍ଟ ଅନୁସାରେ ପଦ୍ମ ବିଭୂଷଣରେ ସମ୍ମାନିତ ହୋଇଥିବା ୪ ବ୍ୟକ୍ତିଙ୍କ ମଧ୍ୟରେ ଏମ୍ ଟି ବାସୁଦେବନ ନାୟାରଙ୍କୁ (ମରଣୋତ୍ତର) ଭାବେ ଏହି ସମ୍ମାନ ପ୍ରଦାନ କରାଯାଇଛି। ଦିବଂଗତଙ୍କ ପତ୍ନୀ ସରସ୍ୱତୀ ବାସୁଦେବନ ନାୟାଙ୍କ ପାଇଁ ଏହି ସମ୍ମାନ ଗ୍ରହଣ କରିଥିଲେ। ସେହିପରି, ଓସାମୁ ସୁଜୁକିଙ୍କୁ ମଧ୍ୟ ମରଣୋତ୍ତର ଭାବେ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ଓସାମୁ ସୁଜିକିଙ୍କ ପୁଅ ତୋଶିହିରୋ ତାଙ୍କ ପକ୍ଷରୁ ଏହି ସମ୍ମାନ ଗ୍ରହଣ କରିଥିଲେ। ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ ଅନ୍ୟ ଦୁଇ ବିଶିଷ୍ଟ ବ୍ୟକ୍ତି ହେଲେ ଡ. ଦୁବଭୁର ନାଗେଶ୍ୱର ରେଡ୍ଡୀ ଏବଂ ଲକ୍ଷ୍ମୀନାରାୟଣ ସୁବ୍ରମଣ୍ୟମ୍। ସେହିପରି ଫିଲ୍ମ ନିର୍ମାତା ଶେଖର କପୁର, ଭାରତୀୟ ହକି ଦଳର ଷ୍ଟାର ଖେଳାଳି ଶ୍ରୀଜେଶ, ଦକ୍ଷିଣ ଭାରତୀୟ ଅଭିନେତା ନନ୍ଦମୁରୀ ବାଲକ୍ରିଷ୍ଣା ଓ ଅଜିତ୍ କୁମାରଙ୍କ ସମେତ ମୋଟ୍ ୧୦ଜଣଙ୍କୁ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିରେ ବିହାରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଏବଂ ବିଜେପି ନେତା ସୁଶୀଲ କୁମାର ମୋଦୀ, ସ୍ୱର୍ଗତ ଗଜଲ ଗାୟକ ପଙ୍କଜ ଉଦ୍ଧାସ୍‌ଙ୍କ ଭଳି ବ୍ୟକ୍ତିତ୍ୱଙ୍କୁ ମରଣୋତ୍ତର ଭାବେ ପଦ୍ମ ଭୂଷଣରେ ସମ୍ମାନିତ କରାଯାଇଥିଲା। ଉଭୟଙ୍କ ପତ୍ନୀ ଯଥାକ୍ରମେ ଜେସି ସୁଶୀଲ ମୋଦୀ ଏବଂ ଫରିଦା ପଙ୍କଜ ଉଦ୍ଧାସ ଉପସ୍ଥିତ ରହି ନିଜ ସ୍ୱାମୀଙ୍କ ସମ୍ମାନ ଗ୍ରହଣ କରିଥିଲେ। ପଦ୍ମବିଭୂଷଣ ଏବଂ ପଦ୍ମଭୂଷଣ ବ୍ୟତୀତ, ସୋମବାର ୫୭ଜଣଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି। ଏମାନଙ୍କ ମଧ୍ୟରେ କ୍ରିକେଟର ଆର.ଅଶ୍ୱିନ୍ ପ୍ରମୁଖ ସାମିଲ ଅଛନ୍ତି। ପ୍ରକାଶ, ଚଳିତ ବର୍ଷ-୨୦୨୫ ପାଇଁ ମୋଟ୍ ୧୩୯ଜଣଙ୍କୁ ପଦ୍ମ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ଏମାନଙ୍କ ମଧ୍ୟରେ ୭ଜଣଙ୍କୁ ପଦ୍ମ ବିଭୂଷଣରେ, ୧୯ଜଣଙ୍କୁ ପଦ୍ମ ଭୂଷଣରେ ଏବଂ ୧୧୩ଜଣଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି।

## ଓଡ଼ିଶାର ୩ ପ୍ରତିଭାଙ୍କୁ ପଦ୍ମଶ୍ରୀ ସମ୍ମାନ



ନୂଆଦିଲ୍ଲୀ,୨୮/୪: ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ରାଷ୍ଟ୍ରପତି ଭବନର ଗଣତନ୍ତ୍ର ମଣ୍ଡପରେ ଚଳିତ ବର୍ଷର ପଦ୍ମ ପୁରସ୍କାର ପ୍ରଦାନ କରିଛନ୍ତି। ପ୍ରଥମ ପର୍ଯ୍ୟାୟ ପୁରସ୍କାର ବିତରଣ ସମାରୋହରେ ରାଷ୍ଟ୍ରପତି ମୁର୍ମୁ ଓଡ଼ିଶାର ୩ ବିଶିଷ୍ଟ ପ୍ରତିଭା- ପ୍ରଖ୍ୟାତ ଭାସ୍କର୍ଯ୍ୟ ଶିଳ୍ପୀ ଅଦ୍ୱୈତ ଚରଣ ଗଡ଼ନାୟକ, ଖ୍ୟାତନାମା ଚିକିତ୍ସିକ ଡାକ୍ତର ଅଶୋକ କୁମାର ମହାପାତ୍ର ଓ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ ଦୁର୍ଗାଚରଣ ରଣବୀରଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରିଛନ୍ତି। ପଦ୍ମଶ୍ରୀ ଗ୍ରହଣ କରିବା ପାଇଁ ଯିବା ପୂର୍ବରୁ ଶ୍ରୀ ଗଡ଼ନାୟକ ଜୋତା ଓହ୍ଲାଇ ପୋଡ଼ିୟମକୁ ଛୁଇଁଥିଲେ। ଶ୍ରୀ ଗଡ଼ନାୟକଙ୍କୁ ରାଷ୍ଟ୍ରପତି ପଦ୍ମଶ୍ରୀ ପ୍ରଦାନ କରିବାବେଳେ ଗଣତନ୍ତ୍ର ଭବନ କରତାଳିରେ କମ୍ପି ଉଠିଥିଲା। ଆଜି ରାଷ୍ଟ୍ରପତି ମୁର୍ମୁ ପ୍ରଥମ ପର୍ଯ୍ୟାୟ ପଦ୍ମ ପୁରସ୍କାର ବିତରଣରେ ୪ ଜଣଙ୍କୁ ପଦ୍ମ ବିଭୂଷଣ, ୧୦ ଜଣଙ୍କୁ ପଦ୍ମ ଭୂଷଣ ଓ ୫୭ ଜଣଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରିଛନ୍ତି। ଆସନ୍ତା ସପ୍ତାହରେ ଦ୍ୱିତୀୟ ପର୍ଯ୍ୟାୟ ପଦ୍ମ ପୁରସ୍କାର ପ୍ରଦାନ କରାଯିବ। ସେଥିରେ ପଦ୍ମଶ୍ରୀ ପାଇଁ ମନୋନୀତ ହୋଇଥିବା ଆଉ ଜଣେ ଓଡ଼ିଆ- ସାହିତ୍ୟିକା ଓ ଶିକ୍ଷାବିତ୍ ଡ. ପ୍ରତିଭା ଶତପଥୀ ସମ୍ମାନିତ ହେବେ। ସୂଚନାଯୋଗ୍ୟ, ଚଳିତ ବର୍ଷ ଗଣତନ୍ତ୍ର ଦିବସର ଅବ୍ୟବହିତ ପୂର୍ବରୁ ମୋଟ ୧୩୯ ଜଣ (୬ ପଦ୍ମ ବିଭୂଷଣ, ୧୯ ପଦ୍ମଭୂଷଣ ଓ ୧୧୩ ପଦ୍ମଶ୍ରୀ)ଙ୍କୁ ପଦ୍ମ ସମ୍ମାନ ପ୍ରଦାନ ପାଇଁ କେନ୍ଦ୍ର ସରକାର ଘୋଷଣା କରିଥିଲେ। ଆଜିର ପ୍ରଥମ ପର୍ଯ୍ୟାୟ ପଦ୍ମ ପୁରସ୍କାର ବିତରଣ ସମାରୋହରେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ବେସାରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁଙ୍କ ସମେତ ମନ୍ତ୍ରିପରିଷଦର ସଦସ୍ୟ, ଦିଲ୍ଲୀ ଉପରାଜ୍ୟପାଳ ବିନୟ ସାକସେନା, ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ ପିକେ ମିଶ୍ର ଓ ଶକ୍ତିକାନ୍ତ ଦାସଙ୍କ ସମେତ ପଦ୍ମ ବିଜେତାଙ୍କ ପରିବାର ସଦସ୍ୟ ଓ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ।

## ଓଡ଼ିଶାରେ ନୋଟିସ୍ ପାଇଥିବା ସମସ୍ତ ପାକିସ୍ତାନୀ ନାଗରିକଙ୍କ ମଧ୍ୟରୁ ଜଣେ ଫେରି ଯାଇଛନ୍ତି: ଡିଜିପି



ଭୁବନେଶ୍ୱର,୨୮/୪: ପହଲଗାମରେ ଘଟିଥିବା ଆତଙ୍କବାଦୀ ଆକ୍ରମଣ ପରେ ଜାତୀୟ ସୁରକ୍ଷା ଚିନ୍ତା ବୃଦ୍ଧି ପାଇବା ପାଇଛି। ଓଡ଼ିଶା ସରକାର ରାଜ୍ୟରେ ବେଆଇନ ଭାବରେ ରହୁଥିବା କିମ୍ବା ଅଧିକ ସମୟ ଧରି ରହୁଥିବା ବିଦେଶୀ ନାଗରିକଙ୍କ ବିରୁଦ୍ଧରେ ସତର୍କତା ଅବଲମ୍ବନ କରିବାକୁ କଠୋର ପଦକ୍ଷେପ ନେଇଛନ୍ତି।ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ୱାଇ ବି ଖୁରାନିଆ ସୋମବାର ସୂଚନା ଦେଇଛନ୍ତି ଯେ, ଓଡ଼ିଶାରେ ଚିହ୍ନଟ ହୋଇଥିବା ୧୨ ଜଣ ପାକିସ୍ତାନୀ ନାଗରିକଙ୍କୁ ଦେଶ ଛାଡିବାକୁ ନୋଟିସ୍ ଜାରି କରାଯାଇଛି ।ଗଣମାଧ୍ୟମକୁ ସମ୍ବୋଧିତ କରି ଡିଜିପି କହିଛନ୍ତି, ନୋଟିସ୍ ପାଇବା ପରେ ଜଣେ ପାକିସ୍ତାନୀ ନାଗରିକ ଓଡ଼ିଶା ଛାଡି ସାରିଛନ୍ତି। ସେ ସ୍ପଷ୍ଟ କରିଛନ୍ତି ଯେ. ଯେଉଁମାନଙ୍କର ବୈଧ ଦୀର୍ଘକାଳୀନ ଭିସା ଅଛି କିମ୍ବା ଯେଉଁମାନଙ୍କର ଭିସା ବୃଦ୍ଧି ଆବେଦନ ପ୍ରକ୍ରିୟାଧୀନ ଅଛି ସେମାନଙ୍କ ମାମଲାର ପୃଥକ ଭାବରେ ବିଚାର କରାଯାଉଛି। ଆମେ ସେମାନଙ୍କ ମାମଲା ସମ୍ପର୍କରେ ପରବର୍ତ୍ତୀ ନିର୍ଦ୍ଦେଶକୁ ଅପେକ୍ଷା କରିଛୁ। ଡିଜିପି କହିଛନ୍ତି, କର୍ତ୍ତୃପକ୍ଷ ଜାତୀୟ ଏବଂ ଅନ୍ତର୍ଜାତୀୟ ପ୍ରୋଟୋକଲ ଅନୁଯାୟୀ ସତର୍କତାର ସହିତ କାର୍ଯ୍ୟ କରୁଛନ୍ତି।

## ମେ'୧ ରୁ ଜୁଲାଇ ୩୧ ଭିତରକନିକା ବନ୍ଦ

ଭୁବନେଶ୍ୱର,୨୮/୪: ଲୁଣି କୁମ୍ଭୀରଙ୍କ ଗୁରୁତ୍ୱପୂର୍ଣ୍ଣ ପ୍ରଜନନ ଋତୁ ଯୋଗୁ ମେ'୧ ରୁ ଜୁଲାଇ ୩୧ ପର୍ଯ୍ୟନ୍ତ ;କେନ୍ଦ୍ରାପଡ଼ା ଜିଲ୍ଲାରେ ଥିବା ଭିତରକନିକା ଜାତୀୟ ଉଦ୍ୟାନ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିବ। ସୋମବାର ଦିନ ସହକାରୀ ମୁଖ୍ୟ ବନ ସଂରକ୍ଷକ (ଏସିଏଫ) ମାନସ ଦାସ ଏନେଇ ସୂଚନା ପ୍ରଦାନ କରିଛନ୍ତି। ଏହି ବନ୍ଦର ଉଦ୍ଦେଶ୍ୟ ହେଉଛି ସରୀସୃପଙ୍କ ବସା ବାନ୍ଧିବା ଏବଂ ପ୍ରଜନନ ଋତୁ ସମୟରେ ସେମାନଙ୍କ ପ୍ରତି ହେଉଥିବା ବାଧାକୁ ରୋକିବା। ଏସିଏଫଙ୍କ ଅନୁଯାୟୀ, ଏହି ସମୟରେ ମାଈ କୁମ୍ଭୀରମାନେ ବିଶେଷ ଭାବରେ ଆକ୍ରମଣାତ୍ମକ ହୋଇଯାଆନ୍ତି ଏବଂ ଅଧିକାଂଶ କୁମ୍ଭୀର ଆକ୍ରମଣ ଘଟଣା ବସା ବାନ୍ଧିବା ଋତୁରେ ହୋଇଥାଏ। ଜାନୁଆରୀ ୨୦୨୫ ସୁଦ୍ଧା, ଭିତରକନିକା ଜାତୀୟ ଉଦ୍ୟାନରେ ୧୮୨୬ଟି ଲୁଣାପାଣି କୁମ୍ଭୀର ଅଛନ୍ତି। ପ୍ରଜନନ ସ୍ଥଳକୁ ସୁରକ୍ଷା ଦେବା ପାଇଁ ବନ ବିଭାଗ କଠୋର ପଦକ୍ଷେପ ଗ୍ରହଣ କରିଛି। ବନରକ୍ଷୀମାନେ ପ୍ରତି ବସା ପାଇଁ ୫୦ ରୁ ୬୦ ଟି ଅଣ୍ଡା ଦେଉଥିବା ମା'କୁମ୍ଭୀରମାନଙ୍କ ଉପରେ ନଜର ରଖିବେ ଏବଂ ସେମାନଙ୍କ ଅଣ୍ଡା ଫୁଟିବା ପର୍ଯ୍ୟନ୍ତ ସେମାନଙ୍କୁ ସତର୍କତାର ସହ ଜଗିବେ। ଏହା ସହିତ, ଏହି ସମୟ ମଧ୍ୟରେ ସ୍ଥାନୀୟ ଗ୍ରାମବାସୀମାନଙ୍କୁ ପାର୍କ ଭିତରକୁ ପ୍ରବେଶ କରିବାକୁ ବାରଣ କରାଯାଇଛି। ମହୁ ସଂଗ୍ରହ ଏବଂ କାଠ ସଂଗ୍ରହ ଭଳି କାର୍ଯ୍ୟକଳାପ ଅଣ୍ଡାକୁ ଜଗିଥିବା ମା' କୁମ୍ଭୀରମାନଙ୍କୁ ଉତ୍ତେଜିତ କରିପାରେ।

# 'ଆପଣମାନଙ୍କ ଦାବି ଶୁଣିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ବ୍ରହ୍ମପୁରକୁ ଆସିବ'

ଭୁବନେଶ୍ୱର,୨୮/୪: ୨୦୩୬ରେ ଓଡ଼ିଶା ତାର ଶହେ ବର୍ଷ ପୂରଣ କରୁଛି। ଏହି ସମୟ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆମର ଲକ୍ଷ୍ୟ ରହିଛି। ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଶିକ୍ଷାର ମହତ୍ୱପୂର୍ଣ୍ଣ ଭୂମିକା ରହିବ। ତେଣୁ ଉଭୟ ପ୍ରାଥମିକ ଓ ଉଚ୍ଚଶିକ୍ଷାକୁ ସୁଦୃଢ଼ କରିବା ପାଇଁ ଆମ ସରକାର ବଦ୍ଧପରିକର ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଗଞ୍ଜାମ ଜିଲ୍ଲା ଭୀମପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବରେ ଯୋଗ ଦେଇ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ ପ୍ରଥମେ ବିଦ୍ୟାଳୟର ପ୍ରତିଷ୍ଠାତା ଆଦର୍ଶ ଶିକ୍ଷକ ସ୍ୱର୍ଗତ ଭଗବାନ ପଣ୍ଡାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଥିଲେ ଯେ ୧୯୨୪ ମସିହା ମାର୍ଚ୍ଚ ୧୫ ତାରିଖରେ ଏହି ବିଦ୍ୟାଳୟ ତାର ଶିକ୍ଷାଦାନର ଯାତ୍ରା ଆରମ୍ଭ କରି ଦୀର୍ଘ ୧୦ ଦଶନ୍ଧି ଧରି ସୀମାନ୍ତ ଅଂଚଳରେ ଜ୍ଞାନର ଆଲୋକ ବିକିରଣ କରିଆସୁଛି। ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଶିକ୍ଷାଦାନ ବ୍ୟବସ୍ଥା ଗୁରୁ ଶିଷ୍ୟ ପଦ୍ଧତିରେ କେଉଁ ଆବାହମାନ ଯୁଗରୁ ରହିଆସିଛି। ବ୍ରିଟିଶ ସରକାର ଆସିବା ପରେ ଶିକ୍ଷାନୀତି ପ୍ରଚଳିତ ହୋଇଥିଲା। ସେତେବେଳେ ଶିକ୍ଷାର ସବୁଠାରୁ ବଡ ଉଦ୍ଦେଶ୍ୟ ଥିଲା, ବ୍ରିଟିଶ ସରକାରଙ୍କ ପାଇଁ କିରାଣୀ ଓ ଅଧିକାରୀ ପ୍ରସ୍ତୁତ କରିବା। ଜ୍ଞାନ ଆହରଣ, ଚରିତ୍ର ଗଠନ ସେହି ଶିକ୍ଷା ପଦ୍ଧତିର ଉଦ୍ଦେଶ୍ୟ ନ ଥିଲା। ଏହି ଶିକ୍ଷା ପଦ୍ଧତି ସ୍ୱାଧୀନତା ପରବର୍ତ୍ତୀ ସମୟରେ ବହୁ ବର୍ଷ ଧରି ଚାଲି ଆସିଥିଲା। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବିଦ୍ୟାଳୟର ଉଦ୍ଦେଶ୍ୟ ହେଉଛି ପାଠ ପଢ଼ାଇ ପିଲାଙ୍କୁ ଉତ୍ତମ ନାଗରିକ ଭାବେ ଗଢ଼ି ସମାଜ ଗଠନର ଗୁରୁ ଦାୟିତ୍ୱ ନ୍ୟସ୍ତ କରିବା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ଶାସନଭାର ନେଲା ପରେ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆସିଛି। ୨୦୨୦ ମସିହାରେ ମୋଦୀଙ୍କ ଦିଗ୍‌ଦର୍ଶନରେ ନୂତନ ଶିକ୍ଷାନୀତି ଦେଶରେ ପ୍ରଣୟନ ହୋଇଥିଲା। ଦୁର୍ଭାଗ୍ୟର କଥା, ଆମ ରାଜ୍ୟରେ ଏହି ନୂତନ ଶିକ୍ଷା ନୀତିକୁ ୫ ବର୍ଷ ଧରି ଲାଗୁ କରାଯାଇ ନ ଥିଲା। ଆଜି ଆମ ସରକାର ଆସିବା ପରେ, ଏହା ଲାଗୁ କରାଯାଇଛି।




ଏହାଦ୍ୱାରା ନିଶ୍ଚିତଭାବେ ଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିବ। ସେ ପୁଣି କହିଥିଲେ ଯେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଜାତୀୟ ଶିକ୍ଷାନୀତି-୨୦୨୦ ଅନୁଯାୟୀ ଆମେ ପ୍ରାକ୍-ପ୍ରାଥମିକ ଶ୍ରେଣୀ ଶିକ୍ଷା ବା ଶିଶୁବାଟିକା ଆରମ୍ଭ କରିଛୁ। ନୂତନ ଜାତୀୟ ଶିକ୍ଷାନୀତି ଆଧାରରେ ଓଡ଼ିଶାରେ ମଧ୍ୟ ନିପୁଣ ଓଡ଼ିଶା ମିସନ ଆରମ୍ଭ କରାଯାଇଛି। ଏଥିରେ ଛାତ୍ରଛାତ୍ରୀ ମାନଙ୍କ ମୌଳିକ ସ୍ୱାକ୍ଷରତା ଓ ସଂଖ୍ୟାଜ୍ଞାନ ବୃଦ୍ଧି ପାଇଁ ବ୍ୟବସ୍ଥା କରାଯାଇଛି। ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ଜରିଆରେ ଆମର ଛାତ୍ରଛାତ୍ରୀମାନେ ନିଶ୍ଚିତଭାବେ ମୌଳିକ ଜ୍ଞାନ ହାସଲ କରି ଉଚ୍ଚଶିକ୍ଷାରେ ସଫଳ ହେବେ। ସେ ଆହୁରି କହିଥିଲେ ପୂର୍ବ ସରକାରଙ୍କ ୫ଟି ସ୍କୁଲ ଏକ ପ୍ରହସନ ଥିଲା। ମାତ୍ର ୧୬ ପ୍ରତିଶତ ସ୍କୁଲରେ ଇଣ୍ଟରନେଟ ସଂଯୋଗ କରି ଡିଜିଟାଲ ସ୍କୁଲ ନାଁରେ ପ୍ରହସନ ଚାଲିଥିଲା। ବାସ୍ତବ କ୍ଷେତ୍ରରେ ପିଲାମାନଙ୍କ ଉତ୍ତମ ଶିକ୍ଷାଦାନ ପାଇଁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଆମ ସରକାର ଆସିବା ପରେ ଏବେ ପ୍ରାଥମିକ ବିଦ୍ୟାଳୟର ଉନ୍ନତି ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଆରମ୍ଭ କରିଛୁ। ଉତ୍ତମ ଭିତ୍ତିଭୂମି ସହିତ ଗୁଣି ଓ ତାଲିମପ୍ରାପ୍ତ ଶିକ୍ଷକ ପଞ୍ଚାୟତ ସ୍ତରରେ ଏହି ବିଦ୍ୟାଳୟ ମାନଙ୍କରେ ଶିକ୍ଷାଦାନ କରିବେ। ଆଦିବାସୀ ପିଲାଙ୍କ ଭିତରେ ଡ୍ରପଆଉଟ ହାର କମାଇବା ପାଇଁ ମାଧୋସିଂ ହାତଖର୍ଚ୍ଚ ଯୋଜନା ଆରମ୍ଭ କରାଯାଇଛି। ଚଳିତବର୍ଷ ବଜେଟରେ ପ୍ରାଥମିକ ଶିକ୍ଷା ପାଇଁ ରେକର୍ଡ ୩୧ ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ପିଲାଙ୍କୁ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ ପୁଷ୍ଟିକର ଖାଦ୍ୟ ମଧ୍ୟାହ୍ନ ଭୋଜନରେ ଯୋଗାଇ ଦିଆଯାଉଛି। ଆଗାମୀ ଦିନରେ ଏହିସବୁ ପଦକ୍ଷେପ ଗୁଡିକ ରାଜ୍ୟରେ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି କରିବ ସେ କହିଥିଲେ। ବିଦ୍ୟାଳୟ ପକ୍ଷରୁ ଦିଆଯାଇଥିବା ବିଭିନ୍ନ ଦାବି ସଂପର୍କରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଭୀମପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ ଐତିହ୍ୟ ବିଦ୍ୟାଳୟରେ ସାମିଲ କରାଯିବ। ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟ ପାଇଁ ଏକ ଡି.ପି.ଆର ପ୍ରସ୍ତୁତ କରିବାପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେ କହିଥିଲେ ସ୍କୁଲ ପକ୍ଷରୁ କରାଯାଇଥିବା ସମସ୍ତ ଦାବୀଗୁଡିକ ନିଶ୍ଚିତଭାବେ ପୂରଣ କରାଯିବ। ଏଥିପାଇଁ ଯାହା ଅର୍ଥ ଆବଶ୍ୟକ, ଆମ ସରକାର ନିଶ୍ଚିତ ଭାବେ ଯୋଗାଇଦେବେ। ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ ସରକାର ନିର୍ବାଚନ ପୂର୍ବରୁ ଯେଉଁ କଥା ଦେଇଥିଲେ, କଥା ରଖି ସବୁ କାମ କରିଛନ୍ତି। ଚାଷୀ, ମହିଳା, ଯୁବବର୍ଗ, ଗରୀବ - ସମସ୍ତଙ୍କ ପାଇଁ ଆମେ କାମ କରୁଛୁ। ଆଗାମୀ ଦିନରେ ଗଞ୍ଜାମ ଜିଲ୍ଲାରେ ଏକ ଲକ୍ଷ କୋଟିରୁ ଅଧିକ ଟଙ୍କା ନିବେଶରେ ବ୍ୟାପକ ଶିଳ୍ପ ପ୍ରତିଷ୍ଠା ହେବ। ଗଞ୍ଜାମ ଜିଲ୍ଲାର ଯୁବକଯୁବତୀ ମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଅଞ୍ଚଳବାସୀଙ୍କ ଦାବୀକୁ ଉଲ୍ଲେଖକରି ମୁଖ୍ୟମନ୍ତ୍ରୀ କହିଲେ ଯେ ଆଗାମୀ ଦିନରେ ଏ ଅଂଚଳର କିପରି ବିକାଶ ହୋଇପାରିବ, ସେଥିପ୍ରତି ଆମେ ସ୍ୱତନ୍ତ୍ର ଦୃଷ୍ଟି ଦେବୁ। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ବ୍ରହ୍ମପୁରକୁ ଆସିବ, ଆପଣମାନଙ୍କ ଦାବି ଓ ସମସ୍ୟା ଶୁଣିବା ପାଇଁ ବ୍ରହ୍ମପୁରକୁ ଆସିବି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସ୍କୁଲର ୪ ଜଣ ବର୍ଷୀୟାନ ପୂରାତନ ଛାତ୍ର ଏବଂ ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ପରିବାର ସଦସ୍ୟଙ୍କୁ ମଞ୍ଚକୁ ଡାକି ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଜିଲ୍ଲା ଓ ରାଜ୍ୟସ୍ତରରେ କୃତୀତ୍ୱ ଅର୍ଜନ କରିଥିବା ୫ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ।

# 'ଜୈବିକ ସାମଗ୍ରୀର ରପ୍ତାନୀ ବୃଦ୍ଧି ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି'

ଭୁବନେଶ୍ୱର,୨୮/୪: କୃଷି ଏବଂ ପ୍ରକ୍ରିୟାକୃତ ଖାଦ୍ୟ ଉତ୍ପାଦ ରପ୍ତାନୀ ବିକାଶ ପ୍ରାଧିକରଣ (ଏପିଡା) ଏବଂ ଓଡ଼ିଶା ସରକାରଙ୍କ ପକ୍ଷରୁ ମିଳିତ ଭାବେ ଭୁବନେଶ୍ୱରର ଓଡ଼ିଶା କୃଷି ଏବଂ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ଡ. ଏମ୍. ଏସ୍. ସ୍ୱାମୀନାଥନ କକ୍ଷରେ ଓଡ଼ିଶାର କୃଷି ଉତ୍ପାଦ ରପ୍ତାନୀକୁ ପ୍ରୋତ୍ସାହନ ଦେବା ଲାଗି ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ କୃଷକ ଉତ୍ପାଦକ ସଂଗଠନ (ଏଫପିଓ)/କୃଷକ ଉତ୍ପାଦକ କମ୍ପାନି, ମହିଳା କୃଷି ଉଦ୍ୟୋଗୀ, ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗ ଏବଂ ସମଗ୍ର ଓଡ଼ିଶାର ରପ୍ତାନିକାରୀଙ୍କ ପ୍ରତିନିଧିତ୍ୱରେ ୧୦ରୁ ଅଧିକ ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ଏହି ବିଶ୍ୱବିଦ୍ୟାଳୟରେ କୋରାପୁଟ କଳାଜିରା ଚାଉଳ, ନୟାଗଡ କଣ୍ଟେଇମୁଣ୍ଡି ବାଇଗଣ, ଗଞ୍ଜାମ କିଆ ଫୁଲ ଉତ୍ପାଦ, କୋରାପୁଟ କଫି ଏବଂ କନ୍ଧମାଳ ହଳଦୀ ଭଳି ଜିଆଇ ଉତ୍ପାଦ, କେନ୍ଦ୍ରାପଡ଼ା ରସାବଳୀ, ସାଲେପୁର ରସଗୋଲା, ଖଜୁରୀ ଗୁଡ, ଢେଙ୍କାନାଳ ମଗଜୀ ଲଡୁ ଏବଂ ମୟୂରଭଞ୍ଜ କାଇ ଚଟଣୀ ଭଳି ରାଜ୍ୟର ଅନେକ ଜିଆଇ ଟ୍ୟାଗ୍ ଏବଂ କୃଷି ଉତ୍ପାଦ ପ୍ରଦର୍ଶିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ତାଙ୍କ ଅଭିଭାଷଣରେ ରାଜ୍ୟରୁ କୃଷି ରପ୍ତାନୀ, ବିଶେଷ କରି ଜୈବିକ ସାମଗ୍ରୀର ରପ୍ତାନୀ ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ବିଶ୍ୱ ବଜାରରେ ପ୍ରୋତ୍ସାହନ ପାଇଁ ରାଜ୍ୟରୁ ଜିଆଇ ଉତ୍ପାଦ ସମେତ ଉତ୍ପାଦଗୁଡ଼ିକର ଅନୁସନ୍ଧାନ କରିବାକୁ ସେ ରପ୍ତାନିକାରୀମାନଙ୍କୁ ଉତ୍ସାହିତ କରିଥିଲେ। ରାଜ୍ୟରୁ କୃଷି ରପ୍ତାନୀ ବୃଦ୍ଧି ଦିଗରେ ରାଜ୍ୟ ସରକାରଙ୍କ ସହ ଏପିଡାର



ସକ୍ରିୟ ସହଯୋଗକୁ ସେ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର କୃଷି ରପ୍ତାନୀ ବୃଦ୍ଧି ପାଇଁ ପ୍ରମୁଖ କ୍ଷେତ୍ର ଉପରେ ଧ୍ୟାନ କେନ୍ଦ୍ରିତ କରି ତିନୋଟି ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଅଧିବେଶନରେ ସଂଶୋଧିତ ଜାତୀୟ ଜୈବିକ ଉତ୍ପାଦନ କାର୍ଯ୍ୟକ୍ରମ (ଏନପିଓପି) ଅଧୀନରେ ଜୈବିକ ରପ୍ତାନୀର ପ୍ରୋତ୍ସାହନ, ଜୈବିକ ପ୍ରମାଣୀକରଣ, ମୂଲ୍ୟ ଶୃଙ୍ଖଳା ବିକାଶ ଏବଂ ବଜାର ପ୍ରବେଶ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ଅନନ୍ୟ କିସମର ଲାଭ ଉଠାଇବା, ଲଜିଷ୍ଟିକ୍ସରେ ଉନ୍ନତି ଆଣିବା ଏବଂ ରପ୍ତାନି ଆହ୍ୱାନର ମୁକାବିଲା କରି ଓଡ଼ିଶାରୁ ଚାଉଳ ରପ୍ତାନୀ ବୃଦ୍ଧି କରିବାର ରଣନୀତି ଉପରେ ଆଲୋଚନା କରାଯାଇଥିଲା। ତୃତୀୟ ଅଧିବେଶନରେ ଲଜିଷ୍ଟିକ୍ସ, କୋଲ୍ଡ ଚେନ୍ ଭିତ୍ତିଭୂମି ଏବଂ ବଜାର ସଂଯୋଗକୁ ମଜବୁତ କରିବା ଉପରେ ଧ୍ୟାନ ଦେଇ କୃଷି-ପ୍ରକ୍ରିୟାକୃତ ଏବଂ ଜିଆଇ-ଟ୍ୟାଗ୍ ହୋଇଥିବା ଉତ୍ପାଦଗୁଡ଼ିକର ମୂଲ୍ୟ ବୃଦ୍ଧି ଏବଂ ରପ୍ତାନି ପ୍ରୋତ୍ସାହନ ପାଇଁ ସୁଯୋଗ ଉପରେ ଆଲୋକପାତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ, ଓଡ଼ିଶା କୃଷି ଏବଂ ବୈଷୟିକ ବିଶ୍ୱବିଦ୍ୟାଳୟ, ଏଫପିଓ, ଏଫପିସି ଏବଂ ପ୍ରଗତିଶୀଳ କୃଷକଙ୍କ ସମେତ ୪୦୦ରୁ ଅଧିକ ଅଂଶୀଦାର ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଅବସରରେ, ଜାତୀୟ ଜୈବିକ ଉତ୍ପାଦନ କାର୍ଯ୍ୟକ୍ରମ (ଏନପିଓପି) ର ସଚିବାଳୟ ଭାବେ ଏପିଡା ରାଜ୍ୟର ୩୦ରୁ ଅଧିକ ଜୈବିକ ଉତ୍ପାଦକ ଗୋଷ୍ଠୀ ଏବଂ ଓଡ଼ିଶାରେ କାର୍ଯ୍ୟ କରୁଥିବା ଜୈବିକ ପ୍ରମାଣନ ସଂସ୍ଥାଗୁଡ଼ିକ ସହିତ ଏକ ସହଭାଗୀ ବାର୍ତ୍ତାଳାପ ଆୟୋଜନ କରିଥିଲା। ନିକଟରେ ୯ ଜାନୁଆରି, ୨୦୨୫ରେ ଆରମ୍ଭ ହୋଇଥିବା ଏନପିଓପି (ଅଷ୍ଟମ ସଂସ୍କରଣ)ର ସଂଶୋଧନ ଏବଂ ନୂତନ ବ୍ୟବସ୍ଥା ସମ୍ବନ୍ଧରେ କୃଷକମାନଙ୍କ ସନ୍ଦେହ ଓ ପ୍ରଶ୍ନଗୁଡ଼ିକର ସମାଧାନ ଉପରେ ଆଲୋଚନା ହୋଇଥିଲା। ସାଂସଦ ତଥା କୃଷି, ପ୍ରାଣୀସମ୍ପଦ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ସଂସଦୀୟ ସ୍ଥାୟୀ କମିଟିର ସଦସ୍ୟ ସୁକାନ୍ତ କୁମାର ପାଣିଗ୍ରହୀ ତାଙ୍କ ଅଭିଭାଷଣରେ ଓଡ଼ିଶାରୁ କୃଷି ରପ୍ତାନୀକୁ ସହାୟତା କରିବା ପାଇଁ ଏଗ୍ରୀ-ଇନଫ୍ରା ପାଣ୍ଠିର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଆହୁରି କହିଥିଲେ, ୨୦୪୭ ମସିହା ସୁଦ୍ଧା ସମଗ୍ର କୃଷି ରପ୍ତାନୀ ଇକୋସିଷ୍ଟମର ବିକାଶ ଦ୍ୱାରା 'ବିକଶିତ ଭାରତ'ର ସ୍ୱପ୍ନ ସାକାର ହୋଇପାରିବ। ଏହା ପ୍ରତିଦ୍ୱନ୍ଦ୍ୱିତାମୂଳକ ଲାଭ ହାସଲ କରିବାରେ, ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାରେ, ଉନ୍ନତ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ଏବଂ ବୈଦେଶିକ ମୁଦ୍ରା ଆୟ ସୃଷ୍ଟି କରିବାରେ ସହାୟକ ହେବ। ଏପିଡାର ଅଧ୍ୟକ୍ଷ ଅଭିଷେକ ଦେବ ତାଙ୍କ ସ୍ୱାଗତ ଭାଷଣରେ ଜୈବିକ ଉତ୍ପାଦ ଉପରେ ବିଶେଷ ଗୁରୁତ୍ୱ ଦେଇ କୃଷି ଉତ୍ପାଦ ପାଇଁ ରପ୍ତାନୀ ଭିତ୍ତିକ ରଣନୀତି ଉପରେ ଆଲୋକପାତ କରିଥିଲେ। ବିପୁଳ ବିବିଧତା ଏବଂ ଉତ୍ପାଦନର ପରିମାଣ କାରଣରୁ କୃଷି ରପ୍ତାନୀ କ୍ଷେତ୍ରରେ, ବିଶେଷ କରି ଜୈବିକ ଉତ୍ପାଦ କ୍ଷେତ୍ରରେ, ରାଜ୍ୟର ଅବ୍ୟବହୃତ ସମ୍ଭାବନା ଉପରେ ସେ ଜୋର ଦେଇଥିଲେ। ଭବିଷ୍ୟତରେ ଏହିପରି ଅଧିକ କାର୍ଯ୍ୟକ୍ରମ ଏବଂ ରପ୍ତାନି ସମ୍ମିଳନୀ ଆୟୋଜନ କରାଯିବ ଯାହା କୃଷି ରପ୍ତାନୀ ବୃଦ୍ଧି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ସେ ରାଜ୍ୟର ଏଫପିଓ ଏବଂ ଏଫପିସିଗୁଡ଼ିକୁ ପ୍ରମୁଖ ଜାତୀୟ ଏବଂ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଭାଗ ନେବା ପାଇଁ ପ୍ରୋତ୍ସାହିତ କରିଥିଲେ, ଯାହାଫଳରେ ବଜାର ପ୍ରବେଶ, ପ୍ରୋତ୍ସାହନ ଏବଂ ପ୍ରସାର ହୋଇପାରିବ। ଏହି କର୍ମଶାଳା ତଥା କ୍ଷମତା ନିର୍ମାଣ କାର୍ଯ୍ୟକ୍ରମ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପ୍ରମୁଖ ନୀତି ନିର୍ଦ୍ଧାରକ ଏବଂ ବିଶେଷଜ୍ଞମାନଙ୍କୁ ଏକାଠି କରିଥିଲା। ଶିଳ୍ପ ଏବଂ ଶିକ୍ଷା କ୍ଷେତ୍ରର ନୀତି ନିର୍ଦ୍ଧାରକମାନେ ଆଗାମୀ ଦିନରେ ରାଜ୍ୟରେ ଏକ ଦୃଢ ରପ୍ତାନି ଇକୋସିଷ୍ଟମ ନିର୍ମାଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ।

# ରଘୁନାଥପୁର ଅଂଚଳରେ ବିପର୍ଯ୍ୟସ୍ତ ସରକାରଙ୍କ ପାନୀୟଜଳ ବ୍ୟବସ୍ଥା

## ସନ୍ଧ୍ୟାରେ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ବିଧାୟକଙ୍କ ସମୀକ୍ଷା

ଜଗତସିଂହପୁର ତା୨୮।୪(ନିପ୍ର), ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ଅଂଚଳରେ ଦୀର୍ଘଦିନ ଧରି ପାନୀୟ ଜଳର ଅବ୍ୟବସ୍ଥା ସମ୍ପର୍କରେ ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଚାଲିଛନ୍ତି। ମାତ୍ର ଅଭିଯୋଗକାରୀ ଜନସାଧାରଣଙ୍କୁ ରଘୁନାଥପୁରରେ ଥିବା ପାନୀୟଜଳ କାର୍ଯ୍ୟାଳୟ ପକ୍ଷରୁ ନାନା ବିଭ୍ରାନ୍ତିକର ସାନ୍ତ୍ୱନା ପ୍ରଦାନ କରାଯାଇଛି। ପାଣିପାଇପ୍ ମରାମତି ପାଇଁ ଆମ୍ଭେ ଦାୟୀ ନୁହଁ ବୋଲି ସଫେଇ ଦିଆଯାଇ ଏହା ସୁପରିଟେଣ୍ଡେଂଟ ଇଂଜିନିୟର ଜଗତସିଂହପୁର ଠାରେ ଅଭିଯୋଗ କରିବା ପାଇଁ ରଘୁନାଥପୁରର କନିଷ୍ଠ ଯନ୍ତ୍ରୀଦ୍ୱୟ ସଦାସର୍ବଦା ଲୋକଙ୍କୁ ବୁଝାଇଥାନ୍ତି। ପ୍ରକାଶଥାଉକି, ରଘୁନାଥପୁର ଠାରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର କନିଷ୍ଠଯନ୍ତ୍ରୀଙ୍କ ସହିତ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ରହିଛି। ଏଠାରେ କାର୍ଯ୍ୟ କରୁଥିବା କନିଷ୍ଠ ଓ ସହକାରୀ ଯନ୍ତ୍ରୀମାନେ ଦୈନନ୍ଦିନ କଟକ ସିଡିଏ ଅଂଚଳରୁ ରଘୁନାଥପୁରକୁ ଆସୁଥିବା ବେଳେ ଗତ କିଛିଦିନ ହେବ ସକାଳୁଆ ଅଫିସ ପରେ ସେମାନଙ୍କୁ ଆଉ ରଘୁନାଥପୁର ଅଂଚଳରେ ଦେଖିବାକୁ ମିଳୁନାହିଁ। କାର୍ଯ୍ୟାଳୟରେ ଥିବା ଜନୈକ ଚତୁର୍ଥଶ୍ରେଣୀ କର୍ମଚାରୀ କୁହନ୍ତି ବାବୁ, ମ୍ୟାଡାମ୍ ଫିଲ୍ଡ ରେ ଅଛନ୍ତି। ଅନ୍ୟପକ୍ଷରେ ପାଣି ବିନା ଛଟପଟ ହେଉଥିବା ୧୯ଗୋଟି ପଂଚାୟତର କେତେକ ଗାଁ ଓ ରଘୁନାଥପୁର ବଜାରରେ ମଧ୍ୟ ଗ୍ରୀଷ୍ମ ପ୍ରଭାବରେ ପାଣି ଟୋପାଏ ମିଳୁନାହିଁ। ନିକଟରେ ଦୁଇଦିନ ପୂର୍ବେ ସ୍ଥାନୀୟ ଜଗନ୍ନାଥପୁର ସରପଂଚ ଜଗବନ୍ଧୁ ମଲ୍ଲିକଙ୍କ ଅଭିଯୋଗ କ୍ରମେ ତିର୍ତ୍ତୋଲ ବିଧାୟକ ଡ. ରମାକାନ୍ତ ଭୋଇ ଏହି ପଂଚାୟତର କଂଟାପଡା ସମେତ କେତେକ ଗ୍ରାମ ଓ ଅଭିଯୋଗ ହେଉଥିବା ଅଧିକାଂଶ ଗ୍ରାମକୁ ଯାଇ ସ୍ଥିତି ପରଖି ଥିଲେ। ଏହାପରେ ବିଧାୟକ ଡ. ଭୋଇ ଗତକାଲି ଶୁକ୍ରବାର ସଂନ୍ଧ୍ୟାରେ ରଘୁନାଥପୁର ଜଳ ପରିମଳ ବିଭାଗର ଉପ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପହଂଚି କନିଷ୍ଠ ଯନ୍ତ୍ରୀ ମନୋରଂଜନ ଦେଉରୀ ଓ ସହକାରୀଯନ୍ତ୍ରୀ ଦୀପାଳିକା ବିଶ୍ୱାଳଙ୍କୁ ଡକାଇ ଜନ ସାଧାରଣଙ୍କ ଅଭିଯୋଗ ଓ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ବିଧାୟକ ଅପରାହ୍ନ ୫ଟା ଠାରୁ ରାତ୍ରି ୮ପର୍ଯ୍ୟନ୍ତ ଉପ ନିର୍ବାହୀଯନ୍ତ୍ରୀ ରବୀନ୍ଦ୍ର କୁମାର ସେଠୀଙ୍କ କାର୍ଯ୍ୟାଳୟରେ ସମସ୍ତ ପଂଚାୟତର ନିର୍ମାଣଧିନ କାର୍ଯ୍ୟ ସମ୍ପର୍କରେ ତର୍ଜମା କରିଥିଲେ। ସେଥି ମଧ୍ୟରୁ ମୁଖ୍ୟତଃ ଜଗନ୍ନାଥପୁର ପଂଚାୟତରେ କେତେକ ଠିକା କାମରେ ମିଥ୍ୟା ବିଲ୍ ସାଙ୍ଗକୁ ବ୍ୟାପକ ଦୁର୍ନୀତି ହୋଇଥିବା କଥା ଜନ ସାଧାରଣଙ୍କ ସମ୍ମୁଖରେ ପ୍ରମାଣିତ ହୋଇଥିଲା। ତେବେ ରଘୁନାଥପୁର ଅଂଚଳରେ ସରକାରଙ୍କ ପକ୍ଷରୁ ପାନୀୟଜଳ ବ୍ୟବସ୍ଥାରେ ସୁଧାର ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲେ ମଧ୍ୟ କେଉଁ ଯନ୍ତ୍ରୀଙ୍କ ଠିକାଦାର ପ୍ରୀତି ଯୋଗୁ ବିପର୍ଯ୍ୟସ୍ତ ହୋଇଛି ଏହି ବ୍ୟବସ୍ଥା ତାହା ଉଚ୍ଚ ସରକାରୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ତଦନ୍ତ ହେଲେ ଦୁର୍ନୀତିଗ୍ରସ୍ତ ଯନ୍ତ୍ରୀଙ୍କ ଅସଲ ମୁଖା ଖୋଲିଯିବ ବୋଲି ସାଧାରଣରେ ଦାବୀ ହୋଇଥିଲା।



## ଛାତ୍ରୀ ଙ୍କ ଭବିଷ୍ୟତ କୁ ନେଇ ଖେଳ ଖେଳୁଛନ୍ତି କଲେଜ କର୍ତ୍ତୃପକ୍ଷ ନର୍ସିଙ୍ଗ କଲେଜ ପରିଚାଳଙ୍କର ଦାଦାଗିରି



କଳାହାଣ୍ଡି , ୨୮/୪: ସମସ୍ତ ବାପାମା ଏକ ମାତ୍ର ଆଶା ଓ ଅଭିଳାଷ ତାଙ୍କର ପୁଅଝିଅ ଶିକ୍ଷିତ ହେବା ସହ ଭଲ ମଣିଷ ଟିଏ ହେବ ଏବଂ ପରିବାର ନାମ ଅର୍ଜନ କରିବ। ଏଭଳି ଆଶା ରଖି ଟଙ୍କା ପଇସା ନ ଥିଲେ ମଧ ଧରା କରଜ କରି ଭଲ ସ୍କୁଲ ଓ କଲେଜ ମାନଂକରେ ନାମ ଲେଖାଇଥାନ୍ତି। ଶିକ୍ଷା ଗ୍ରହଣ କଲାପରେ ସେ କୌଣସି ଚାକିରୀ ଖଣ୍ଡେ ନ ପାଇଲେ ମଧ୍ୟ ସ୍ୱାବଲମ୍ବୀ ହେଇପାରିବ। କିନ୍ତୁ, ଅତ୍ୟନ୍ତ ଦୁଃଖଦ ଓ ପରିତାପ ର ଘଟଣା ଘଟିଛି କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ନିକଟସ୍ଥ ଉଦିତନାରାୟଣପୁର ନର୍ସିଙ୍ଗ କଲେଜରେ ।କଲେଜ ର ସମସ୍ତ ପ୍ରକାର ବୈଧ ପଇଠ କରିଥିଲେ ମଧ ତାଙ୍କର ସହାୟକ ନର୍ସ ଏବଂ ମିଡ୍ ୱାଇଫ୍ ପ୍ରମାଣପତ୍ର ପ୍ରଦାନ ନ କରିବା ପାଇଁ କଳାହାଣ୍ଡି ନର୍ସିଂ ଏବଂ ଆଲାଏଡ୍ ସାଇନସ୍ସ୍ କଲେଜ ବିରୁଦ୍ଧରେ ଉପ-ଅନୁମୋଦନ ବା ଅଭିଯୋଗ ଆଣିଥିଲେ ବ୍ୟାଚ୍ ୨୦୨୧-୨୨ ଏବଂ ୨୦୨୨-୨୩ ର କଲେଜର ଛାତ୍ରୀ କଳାହାଣ୍ଡି ନର୍ସିଂ ଏବଂ ଆଲାଏଡ୍ ସାଇନସ୍ସ୍ କଲେଜ, ଉଦିତନାରାୟଣପୁର, ବର୍ଷ (୨୦୨୫) ଇ.ଘ.ଗ. ପରୀକ୍ଷାରେ ଉତୀର୍ଣ୍ଣ କରିଥିଲେ ଏବଂ ୨୩.୪.୨୦୨୫ ରେ ତାଙ୍କର ମାର୍କ ସିଟ୍ ଏବଂ ପ୍ରମାଣପତ୍ର ପ୍ରଦାନ କରିବାକୁ ଅନୁରୋଧ କରି କଲେଜ ଅଧକ୍ଷ ଙ୍କୁ ଅନୁରୋଧ କରିଥିଲେ ।କଲେଜ କର୍ମଚାରୀ ଶ୍ରୀଯୁକ୍ତ ଶୁଧାଂସୁ ସାହୁ ଯେହେତୁ ଆପଣମାନେ ଟ୍ୟୁସନ୍ ଫିସ୍ ଦେଇନାହାଁନ୍ତି, ତେଣୁ ଆପଣମାନଂକୁ କୌଣସି ପ୍ରମାଣପତ୍ର ଏବଂ ମାର୍କ ସିଟ୍ ପ୍ରଦାନ କରାଯାଇପାରିବ ନାହିଁ ବୋଲି ରୋକଠୋକ ମନା କରିଥିଲେ ଏବଂ ଛାତ୍ରୀମାନେ ଅନୁରୋଧ ପୂର୍ବକ ଆମେ ପୁରା ଫିସ୍ ପଇଠ କରିଛୁ , ଆଂଶିକ ଭାବରେ ପ୍ରବେଶ ସମୟରେ, ଫର୍ମ ପୂରଣ ସମୟରେ ଏବଂ ଅବଶିଷ୍ଟ ପ୍ରବେଶ କାର୍ଡ ପ୍ରଦାନ ସମୟରେ। କଲେଜ କୌଣସି ଛାତ୍ରଙ୍କୁ ପ୍ରବେଶ ପତ୍ର ପ୍ରଦାନ କରୁନଥିଲେ ଯେଉଁମାନେ ଟ୍ୟୁସନ୍ ଫିସ୍, ପରିବହନ ଫିସ୍, ହଷ୍ଟେଲ୍ ଫିସ୍ ଏବଂ ସାଂସ୍କୃତିକ ଫିସ୍ ଦେଇ ନାହାଁନ୍ତି। କଲେଜ କେବେବି ଆମ ଦ୍ୱାରା ଜମା ହୋଇଥିବା ଫିସ୍ ରସିଦ୍ ପ୍ରଦାନ କରିନଥିଲେ। ପ୍ରତ୍ୟେକ ଥର ଆମକୁ ରସିଦ୍ ପାଇବାର ନିଶ୍ଚିତ କରାଯାଏ କାରଣ ଟଙ୍କା ରସିଦ୍ ଜଗଦଲପୁରରେ ରଖାଯାଏ, ଯେଉଁଠାରେ ଆମର ନିର୍ଦ୍ଦେଶକ ଡକ୍ଟର ସ୍ମୃତି ରଞ୍ଜନ ମିଶ୍ରଙ୍କ ଏକ ଫାର୍ମାସି କଲେଜ କରିଛନ୍ତି। ଆଉ କୌଣସି ପ୍ରକାର ଉପାୟ ନ ପାଇ, ଏନେଇ ଛାତ୍ରୀ ମାନେ କଳାହାଣ୍ଡି ଜିଲ୍ଲାପାଳ, କଲ୍ୟାଣ ଅଧିକାରୀ, ଭବାନୀପାଟଣା, କଳାହାଣ୍ଡି, ଆଇ.ଆଇ.ସି. ସଦର, ଭବାନୀପାଟଣା, କଳାହାଣ୍ଡି ଙ୍କୁ ଲିଖିତ ଅଭିଯୋଗ ପ୍ରଦାନ କରିଥିଲେ ଏବଂ ଯଦି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ, ତେବେ ସମସ୍ତ ଛାତ୍ରୀ ଆଗାମୀ ଦିନରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କୁ ଅବଗତ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବାଧ ହେବୁ। ଏହି ପରିସ୍ଥିତି ନ ଆସୁ, ସେଥିପ୍ରତି କଲେଜ କତୃପକ୍ଷ ଛାତ୍ରୀ ମାନଙ୍କ ପ୍ରମାଣ ପତ୍ର ଏବଂ ମାର୍କ ସିଟ ଅତିଶୀଘ୍ର ପ୍ରଦାନ କରିବାକୁ ଛାତ୍ରୀମାନେ ଅନୁରୋଧ କରିଛନ୍ତି।

# ଓଡ଼ିଶା ରାଜ୍ୟସ୍ତରୀୟ ବିଶ୍ୱ ମ୍ୟାଲେରିଆ ଦିବସ ୨୦୨୫ପାଳନ

ଭବାନିପାଟଣା, ୨୮/୪: ଓଡିଶା ରାଜ୍ୟ ସ୍ତରୀୟ ବିଶ୍ୱ ମେଲେରିଆ ଦିବସ ୨୦୨୫ ଭବାନିପାଟଣା ସ୍ଥିତ ଟାଉନ୍ ହଲ୍ ଠାରେ ଓଡ଼ିଶା ରାଜ୍ୟ ଜନ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ଡ଼ା. ନୀଳକଣ୍ଠ ମିଶ୍ର ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି। ଏହି ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମ ରେ ଆଭାସୀ ମାଧ୍ୟମରେ ଯୋଡିହୋଇ ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ ସମସ୍ତ ଙ୍କୁ ଶୁଭେଚ୍ଛା ଜଣାଇ ରାଜ୍ୟରେ ସଂପୂର୍ଣ୍ଣ ଭାବେ ମ୍ୟାଲେରିଆ ନିରାକରଣ କିପରି କରାଯିବ ବିଶେଷ କରି ମ୍ୟାଲେରିଆ ପ୍ରବଣ ଜିଲ୍ଲା କଳାହାଣ୍ଡି,ରାୟଗଡା, କୋରାପୁଟ, ମାଲକାନଗିରି, ବୌଦ ଇତ୍ୟାଦି ଜିଲାରେ ବ୍ୟାପକ ଜନସଚେତନତା ସୃଷ୍ଟି କରାଯାଇ ଏହାର ସମ୍ପୂର୍ଣ୍ଣ ନିରାକରଣ ଦିଗରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନେ ଅଧିକ ଯତ୍ନବାନ୍ ହୋଇ କାର୍ଯ୍ୟ କରିବା ପାଇଁ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ କଳାହାଣ୍ଡି ପୁଷ୍ପେନ୍ଦ୍ର ସିଂଦେଓ, ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ,ସାଂସଦ କଳାହାଣ୍ଡି ଙ୍କ ପ୍ରତିନିଧି ଭାବେନ୍ଦ୍ର ପଣ୍ଡା, ବିଧାୟକ ସଦର ଙ୍କ ପ୍ରତିନିଧି ଧନୁର୍ଯ୍ୟ ଗହିର, ଓଡ଼ିଶା ରାଜ୍ୟ ଭେକ୍ଟର ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅତିରିକ୍ତ ନିର୍ଦ୍ଦେଶକ ଡ଼ା. ପ୍ରଭାକର ସାହୁ, ଡ଼ା. ଅମରେନ୍ଦ୍ର ମହାନ୍ତି ନିର୍ଦ୍ଦେଶକ ରାଜ୍ୟ ସ୍ୱାସ୍ଥ୍ୟ ଶିକ୍ଷା ସୂଚନା ପ୍ରତିଷ୍ଠାନ ଓଡ଼ିଶା ,ମୁଖ୍ୟ ବକ୍ତା ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ମିନତୀ ଲତା ଦାସ, ଡ଼ା. ରଞ୍ଜନ ମିଶ୍ର ଅତିରିକ୍ତ ଜିଲ୍ଲା ଜାତୀୟ ଭେକ୍ଟର ଭାରତ ରିଗ ନିୟନ୍ତ୍ରଣ ଶାଖା କଳାହାଣ୍ଡି, ଡ଼ା. ରାକେଶ କୁମାର ସାହୁ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ଡ଼ା. ଦେବୀ ପ୍ରସାଦ ମହାପାତ୍ର ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ପରିବାର କଲ୍ୟାଣ, ଡ଼ା. ନିହାରେନ୍ଦ୍ର ପଣ୍ଡା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଯକ୍ଷ୍ମା ବିଭାଗ, ଡ଼ା. ଲୋମପାଦ ନାୟକ ବିଭାଗୀୟ ମୁଖ୍ୟ ଏସ.ପି.ଏମ. ରେଣ୍ଡୋ ମାଝୀ ଭେଜକ ମହାବିଦ୍ୟାଳୟ ଏବଂ ହସ୍ପିଟାଲ କଳାହାଣ୍ଡି ର ସମସ୍ତ ସ୍ୱାସ୍ଥ୍ୟ ବିଭାଗୀୟ କର୍ମଚାରୀ, ଅନ୍ୟାନ୍ୟ ଲାଇନ ବିଭାଗର ଅଧିକାରୀମାନେ, ଅଶାକର୍ମୀ, ନର୍ସିଂ




କଲେଜ ଏବଂ ଏ. ଏନ୍.ଏମ. କଲେଜ ର ପ୍ରିନସିପାଲ, ୧୩ ଗୋଟି ବ୍ଲକ ସି.ଏଚ.ସି. ର ପି. ଏଚ୍. ଇ. ଓ., ବି.ପି.ଏମ. ଓ ବି.ଭି. ଡି.ଡି.ଏସ. ତଥା ଅନ୍ୟାନ୍ୟ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଅତିଥିମାନେ କଳାହାଣ୍ଡି ଜିଲ୍ଲାରୁ ମ୍ୟାଲେରିଆ ରୋଗକୁ ସମ୍ପୂର୍ଣ୍ଣ ନିର୍ମୂଳ କରିବା ସହିତ ଓଡ଼ିଶାକୁ ମ୍ୟାଲେରିଆ ମୁକ୍ତ ରାଜ୍ୟ ଭାବରେ ଗଢ଼ିବା ପାଇଁ ପ୍ରତ୍ୟେକ ଜ୍ୱର ରୋଗୀଙ୍କ ରକ୍ତ ପରୀକ୍ଷା ସମ୍ପୂର୍ଣ୍ଣ ଚିକିତ୍ସା ଏବଂ ଜନସଚେତନତା ସୃଷ୍ଟି କରିବା ନିଜ ନିଜ ପରିବେଶକୁ ମ୍ୟାଲେରିଆ ମୁକ୍ତ ରଖିବା ସହ ଶୋଇବା ସମୟରେ ନିୟମିତ ମଶାରୀ ବ୍ୟବହାର କରିବା ଦିଗରେ କାର୍ଯ୍ୟ କଲେ ସଫଳ ହୋଇପାରିବ ବୋଲି ମତ ବ୍ୟକ୍ତ କରିଥିଲେ । କଳାହାଣ୍ଡି ର ଅଧିଷ୍ଠାତ୍ରୀ ଦେବୀ ମାଁ ମାଣିକେଶ୍ୱରୀ ଙ୍କ ଫଟୋଚିତ୍ର ପୂଜାର୍ଚ୍ଚନା, ପ୍ରଦୀପ ପ୍ରଜ୍ୱୋଳନ ପୂର୍ବକ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ ସହ ଓଡିଶା ସରକାରଙ୍କ ମାନ୍ୟବର ମନ୍ତ୍ରୀ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମୁକେଶ ମହଲିଙ୍ଗ ଙ୍କ ଆଭସି ଉଦଘାଟନୀ ମାଧ୍ୟମରେ କାର୍ଯ୍ୟକ୍ରମ ଆରମ୍ଭ କରଯାଇଥିଲା । ସୀମାରେ ଦେଶର ସୁରକ୍ଷା ପାଇଁ ଲଢୁଥିବା ସନ୍ୟ ଯେମିତି ଅନ୍ୟମାନଙ୍କ ସୁରକ୍ଷା ପାଇଁ ନିଜ ଜୀବନକୁ ବିପନ୍ନ କରି ଛାତି ରେ ଶତ୍ରୁଙ୍କର ଗୁଳି ମାଡ ଖାଇ ଅନ୍ୟକୁ ବିପଦରୁ ସୁରକ୍ଷା ଦେଇଥାଏ। ଠିକ୍ ସେହିପରି ମ୍ୟାଲେରିଆରେ ଆକ୍ରାନ୍ତ ପ୍ରତ୍ୟେକ ବ୍ୟକ୍ତି ଠିକ୍ ସମୟରେ ନିଜର ରକ୍ତ ପରୀକ୍ଷା କରାଇବା ସହ ପୂର୍ଣ୍ଣ ମାତ୍ରାରେ ଔଷଧ ସେବନ କରିବା ଏବଂ ଅନ୍ୟକୁ ମ୍ୟାଲେରିଆ ସଂକ୍ରମଣରେ ସୁରକ୍ଷା ଦେବା ବାର୍ତ୍ତାକୁ ଆମ ପ୍ରତ୍ୟେକ ଜନତାଙ୍କ ନିକଟରେ ପହଞ୍ଚାଇବା କାର୍ଯ୍ୟକ୍ରମ ଏହିଠାରୁ ଆରମ୍ଭ ହେବ ବୋଲି ଡାକ୍ତର ଅମରେନ୍ଦ୍ର ମହାନ୍ତି ସ୍ୱାସ୍ଥ୍ୟ ଶିକ୍ଷା ନିର୍ଦ୍ଦେଶକ ନିଜ ବକ୍ତବ୍ୟରେ କହିଥିଲେ ।

# ଯୁବ ବ୍ୟବସାୟୀଙ୍କୁ ହାଣି ଦୁର୍ବୃତ୍ତ ଫେରାର

ବୌଦ୍ଧ,୨୮/୪: ବୌଦ୍ଧ ବାଇପାସ୍ ରାସ୍ତାରେ ଆଜି ସନ୍ଧ୍ୟାରେ ଜଣେ ଯୁବ ବ୍ୟବସାୟୀଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ ବୌଦ୍ଧ ବଜାର ଅଞ୍ଚଳର ମନୋଜ ପାତ୍ର (୩୮)। ସୂଚନା ଅନୁସାରେ ମନୋଜ ପାତ୍ରଙ୍କୁ ଆଜି ସନ୍ଧ୍ୟା ପ୍ରାୟ ୬ଟାରେ ଦୁର୍ବୃତ୍ତମାନେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ମନୋଜଙ୍କ ରକ୍ତଜୁଡୁବୁଡୁ ଶରୀର ପଡ଼ିଥିବା ବେଳେ ଯୁବକମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ମନୋଜଙ୍କ ବେକ, ଛାତି ସହ ଦେହର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଏହି ହତ୍ୟାକାଣ୍ଡ ପରେ ବାଇପାସ ଦେଇ ଯାଉଥିବା ଲୋକେ ପୁଲିସକୁ ଖବର ଦେଇଥିଲେ। ମନୋଜଙ୍କ ବେକ, ଛାତି ସହ ଦେହର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଏହି ହତ୍ୟାକାଣ୍ଡ ପରେ ବାଇପାସ ଦେଇ ଯାଉଥିବା ଲୋକେ ପୁଲିସକୁ ଖବର ଦେଇଥିଲେ। ସୂଚନା ପାଇ ବୌଦ୍ଧ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ରକ୍ତ ଜୁଡୁବୁଡୁ ଅବସ୍ଥାରେ ମନୋଜଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିଲା। କିନ୍ତୁ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ।

## ସଂପାଦକୀୟ

# ନ୍ୟାୟପାଳିକା ବନାମ ବ୍ୟବସ୍ଥାପିକା

ଶୃଙ୍ଖଳିତ ଭାବେ ଦେଶର ପରିଚାଳନା ପାଇଁ ପ୍ରଣୟନ କରାଯାଇଛି ଆମ ସମ୍ବିଧାନ। ଏଥିରେ ତିନୋଟି ସ୍ତମ୍ଭ କାର୍ଯ୍ୟପାଳିକା, ବ୍ୟବସ୍ଥାପିକା ଓ ନ୍ୟାୟପାଳିକା ରଖାଯାଇ ସେମାନଙ୍କ ଭିତରେ ଟଣାଯାଇଛି ଲକ୍ଷ୍ମଣରେଖା। ଏହି ତିନୋଟି ସ୍ତମ୍ଭ ନିଜ ନିଜର କର୍ତ୍ତବ୍ୟ ଓ ଅଧିକାର ପରିସୀମା ଭିତରେ ସମ୍ବିଧାନ ଅନୁମୋଦିତ ମାର୍ଗରେ କାମ କରିବା କଥା। କିନ୍ତୁ ଏବେ କିଛିଦିନ ଧରି ଦାୟିତ୍ୱସମ୍ପନ୍ନ କିଛି ସାମ୍ବିଧାନିକ ପଦାଧିକାରୀ ଯେଭଳି ନ୍ୟାୟପାଳିକା ସମ୍ପର୍କରେ ଆକ୍ରମଣାତ୍ମକ ବକ୍ତବ୍ୟ ରଖୁଛନ୍ତି ତାହା ଏକ ଅସ୍ୱାସ୍ଥ୍ୟକର ପରମ୍ପରା ସୃଷ୍ଟି କରୁଛି। ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଲୋକପ୍ରତିନିଧିମୂଳକ ଶାସନ ବ୍ୟବସ୍ଥାରେ ବ୍ୟବସ୍ଥାପିକା ନିକଟରେ କାର୍ଯ୍ୟପାଳିକା ଉତ୍ତରଦାୟୀ ରୁହେ। ଏମାନଙ୍କ କାର୍ଯ୍ୟ ପଦ୍ଧତି ଘେନି ନିର୍ଦ୍ଦିଷ୍ଟ ଅଭିଯୋଗ ଆସିଲେ ନ୍ୟାୟପାଳିକା ତାହାର ସମାଧାନ କରେ। କିନ୍ତୁ ଗତ କିଛିଦିନ ଧରି ନ୍ୟାୟପାଳିକା ସହ ବିଧାନପାଳିକାର କେତେକ ସଦସ୍ୟଙ୍କ ମଧ୍ୟରେ ଏକପ୍ରକାର ଶୀତଳ ଯୁଦ୍ଧ ଚାଲିଛି। ଏହା ଗଣତନ୍ତ୍ର ପାଇଁ କେତେ ଶୁଭଙ୍କର ତାହା ବିଚାର୍ଯ୍ୟ। ପ୍ରଚଳିତ ପରମ୍ପରା ମୁତାବକ କଲେଜିୟମ୍ ବ୍ୟବସ୍ଥାରେ ବରିଷ୍ଠ ବିଚାରପତିମାନଙ୍କୁ ନେଇ ଗଠିତ କମିଟି ବିଚାରପତି ନିଯୁକ୍ତି ଲାଗି ସୁପାରିସ କରିଥାଏ ଏବଂ କେନ୍ଦ୍ର ସରକାରଙ୍କ ଅନୁମୋଦନ ଓ ରାଷ୍ଟ୍ରପତିଙ୍କ ସ୍ୱୀକୃତି ପରେ ଏହି ପ୍ୟାନେଲ୍‌ରୁ ବିଚାରପତି ନିଯୁକ୍ତି କରାଯାଇଥାଏ। ଅନେକ କ୍ଷେତ୍ରରେ ସରକାର ସୁପ୍ରିମକୋର୍ଟଙ୍କ କଲେଜିୟମ୍‌ର ସୁପାରିସକୁ ଗ୍ରହଣ ନକରିବା ଏବଂ ଏହାକୁ ଦୀର୍ଘଦିନ ଧରି ପକାଇ ରଖିବା ଫଳରେ ବିଭିନ୍ନ ହାଇକୋର୍ଟରେ ମାଳମାଳ ବିଚାରପତି ପଦବୀ ବର୍ଷବର୍ଷ ଧରି ଖାଲି ପଡ଼ିଛି। ଫଳରେ ଲୋକେ ତ୍ୱରିତ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ନିରପେକ୍ଷ ବିଚାର ବ୍ୟବସ୍ଥାକୁ ନିୟନ୍ତ୍ରିତ କରିବା ପାଇଁ ସମ୍ବିଧାନର ଅନ୍ୟ ଦୁଇଟି ସ୍ତମ୍ଭ ସତେଯେମିତି ବ୍ୟାକୁଳ। ଏଭଳି ସ୍ଥିତିରେ ଦେଶର କୋର୍ଟ କଚେରୀରେ ୫ କୋଟିରୁ ଅଧିକ ଓ ଓଡ଼ିଶାରେ ପାଖାପାଖି ୨୧ ଲକ୍ଷ ମାମଲା ବିଚାର ପ୍ରତୀକ୍ଷାରେ ରହିଛି।

ଏସବୁ ପ୍ରସଂଗ ଆଲୋଚନା ପାଇଁ ଏବେ କେତେକ ନିର୍ଦ୍ଦିଷ୍ଟ ଘଟଣା ଖୋରାକ ଯୋଗାଇଛି। ସଂସଦରେ ପାରିତ ହୋଇ ରାଷ୍ଟ୍ରପତିଙ୍କ ସ୍ୱୀକୃତି ଲାଭ ପରେ ଆସିଥିବା ୱାକଫ୍ ଆଇନ୍‌ର ବିଭିନ୍ନ ଧାରା ଉପରେ ଆପତ୍ତି ଉଠାଇ ସୁପ୍ରିମକୋର୍ଟରେ ଶତାଧିକ ମାମଲା ରୁଜୁ ହୋଇଛି। ତେବେ ଏହି ଆଇନ୍‌ରେ କିଛି ସକାରାତ୍ମକ ଦିଗ ରହିଥିବା ଦର୍ଶାଇ ତାହା ଉପରେ ସମ୍ପୂର୍ଣ୍ଣ ରହିତାଦେଶ ଜାରି କରିବାକୁ ସୁପ୍ରିମକୋର୍ଟଙ୍କ ତିନିଜଣିଆ ଖଣ୍ଡପୀଠ ମନା କରିଦେବା ସହ ଏହି ମାମଲା ବିଚାରାଧୀନ ଥିବା ପର୍ଯ୍ୟନ୍ତ ବର୍ତ୍ତମାନର ସ୍ଥିତିକୁ ଜଟିଳ କରିବା ଅନୁଚିତ ବୋଲି ମତ ଦେଇଛନ୍ତି। ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନାଙ୍କ ଅଧ୍ୟକ୍ଷତାରେ ଗଠିତ ୩ଜଣିଆ ଖଣ୍ଡପୀଠ ମଧ୍ୟବର୍ତ୍ତୀକାଳୀନ ଆଦେଶରେ ସମସ୍ତ ୱାକଫ୍ ସମ୍ପତ୍ତିକୁ ସଂରକ୍ଷିତ ରଖିବା ସହିତ ଅନ୍ୟାଦେଶ ପର୍ଯ୍ୟନ୍ତ ୱାକଫ୍ ବୋର୍ଡର ନୂତନ ନିଯୁକ୍ତି ଉପରେ ଅଙ୍କୁଶ ଲଗାଇଛନ୍ତି। ଏହି ଆଇନ୍‌କୁ ବିରୋଧ କରି ପଶ୍ଚିମବଙ୍ଗ ସମେତ କେତେକ ରାଜ୍ୟରେ ଉଠିଥିବା ପ୍ରତିବାଦର ସ୍ୱର ହିଂସାକାଣ୍ଡର ରୂପ ନେଇଛି। ଏ ପ୍ରସଂଗରେ ଅନ୍ୟ ଏକ ମାମଲା ରୁଜୁ କରାଯାଇ ସେଠାରେ ଆଇନ୍ ଶୃଙ୍ଖଳା ରକ୍ଷା ଲାଗି କଠୋର ପଦକ୍ଷେପ ଗ୍ରହଣ କରିବା ପାଇଁ ଉଠିଥିବା ପ୍ରଶ୍ନକୁ ସୁପ୍ରିମକୋର୍ଟ ଅଗ୍ରାହ୍ୟ କରିଛନ୍ତି। ଘଟଣା ଏଭଳି ସ୍ଥିତିରେ ଥିବାବେଳେ ସାଂସଦ ନିଶିକାନ୍ତ ଦୁବେ ଦେଶରେ ଧାର୍ମିକ କାରଣରୁ ଉପୁଜିଥିବା ହିଂସାକାଣ୍ଡ ପାଇଁ ସିଧାସଳଖ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତିଙ୍କୁ ଦାୟୀ କରିଛନ୍ତି। ରାଷ୍ଟ୍ରପତି ପ୍ରଧାନ ବିଚାରପତିଙ୍କୁ ନିଯୁକ୍ତି କରନ୍ତି ଓ ସଂସଦ ଆଇନ୍ ତିଆରି କରେ ବୋଲି ମନେ ପକାଇଦେଇ ସୁପ୍ରିମକୋର୍ଟ ଏଭଳି ଘଟଣାରେ କିପରି ହସ୍ତକ୍ଷେପ କରିଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। କେବଳ ସେତିକି ନୁହେଁ, ସଂସଦ ଭବନକୁ ବନ୍ଦ କରିଦେଇ ସୁପ୍ରିମକୋର୍ଟ ନିଜେ କ'ଣ ଆଇନ୍ ତିଆରି କରିବେ କି ବୋଲି ସେ ପ୍ରସଂଗ ଉଠାଇଛନ୍ତି। ସାଂସଦଙ୍କ ଏଭଳି ବକ୍ତବ୍ୟ ଅଦାଲତ ଅବମାନନା ପରିସରଭୁକ୍ତ ବୋଲି ଉଲ୍ଲେଖ କରି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ପ୍ରକ୍ରିୟା ଆରମ୍ଭ ହୋଇଛି।

ଉପରାଷ୍ଟ୍ରପତି ଜଗଦୀପ ଧନକଡ଼ କହିଛନ୍ତି ଯେ ସୁପ୍ରିମକୋର୍ଟର ବିଚାରପତିମାନେ ନିଜକୁ ସୁପର ପାର୍ଲିଆମେଣ୍ଟ ଭାବି କାମ କରିବା ସହ ଗଣତାନ୍ତ୍ରିକ ସରକାର ବିରୋଧରେ ସମ୍ବିଧାନର ୧୪୨ ଧାରାକୁ ପରମାଣୁ ଅସ୍ତ୍ର ଭଳି ବ୍ୟବହାର କରୁଛନ୍ତି। ଏଠାରେ ଉଲ୍ଲେଖନୀୟ ଯେ ତାମିଲନାଡୁ ବିଧାନସଭାରେ ପାରିତ କେତେଗୁଡ଼ିଏ ବିଲ୍‌କୁ ଦୀର୍ଘଦିନ ଧରି ରାଜ୍ୟପାଳ ପକାଇ ରଖିବା ପ୍ରସଂଗରେ ରୁଜୁ ମାମଲାର ଫଇସଲା କରି ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରାଷ୍ଟ୍ରପତି କିମ୍ବା ରାଜ୍ୟପାଳ ବ୍ୟବସ୍ଥା ସଭାରେ ପାରିତ ହୋଇଥିବା ବିଲ୍‌ଗୁଡ଼ିକୁ ରାଜ୍ୟପାଳ ପକାଇ ରଖିପାରିବେ ନାହିଁ ବୋଲି ଉଲ୍ଲେଖ କରିବା ସଂଗେ ସଂଗେ ଏହି ବିଲ୍ ଉପରେ କାର୍ଯ୍ୟାନୁଷ୍ଠାନ ଲାଗି ୩ମାସ ସମୟ ସୀମା ଧାର୍ଯ୍ୟ କରିଛନ୍ତି। ସୁପ୍ରିମକୋର୍ଟଙ୍କ ଏହି ରାୟ ସଂକ୍ରାନ୍ତରେ ଉପରାଷ୍ଟ୍ରପତି ଶ୍ରୀଧନକଡ଼ ଓ ସାଂସଦ ଶ୍ରୀଦୁବେ ମଧ୍ୟ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସାଂସଦ ଶ୍ରୀଦୁବେଙ୍କ ବକ୍ତବ୍ୟ ତାଙ୍କର ନିଜସ୍ୱ ଏବଂ ଏହା ଶାସନ କ୍ଷମତାରେ ଥିବା ବିଜେପିର ମତ ନୁହେଁ ବୋଲି ଦଳର ସଭାପତି ଜେପି ନଡ୍ଡା ସ୍ପଷ୍ଟୀକରଣ ଦେଇଥିବା ବେଳେ ଉପରାଷ୍ଟ୍ରପତିଙ୍କ ବକ୍ତବ୍ୟ ସଂକ୍ରାନ୍ତରେ କିନ୍ତୁ କିଛି କହିନାହାନ୍ତି। ତେବେ ଏ ଦୁଇଜଣଙ୍କ ବକ୍ତବ୍ୟକୁ ନେଇ ରାଜନୈତିକ ସ୍ତରରେ ବିବୃତିର ଝଡ଼ ଚାଲିଛି। କିନ୍ତୁ ଜଘନ୍ୟ ହତ୍ୟାକାଣ୍ଡରେ ଅଦାଲତ ଦ୍ୱାରା ଦଣ୍ଡିତ ବ୍ୟକ୍ତିଙ୍କୁ ଯେପରି ବ୍ୟବସ୍ଥାପିକାର ନିର୍ଦ୍ଦେଶନାରେ କାର୍ଯ୍ୟପାଳିକା 'ରେମିସନ୍' ନାମରେ ସୁପର ଅଦାଲତ ସାଜି ମୁକ୍ତ କରୁଛି ସେ ସଂକ୍ରାନ୍ତରେ ମାନ୍ୟବରମାନେ ନିରବ। ଗ୍ରାହମ୍ ଷ୍ଟେନ୍, ଜେସିକା ଲାଲ୍, ବିଲ୍‌କିସ୍ ବାନୋ ଆଦି ମାମଲାର କୁଖ୍ୟାତ ଅପରାଧୀମାନଙ୍କୁ କାରାମୁକ୍ତ କରିବାକୁ ଦରଦ ଦେଖାଗଲା, କିନ୍ତୁ ମୟୂରଭଞ୍ଜର ଦରିଦ୍ର ଆଦିବାସୀ ଯୁବକ ଲକ୍ଷ୍ମଣଙ୍କୁ ଫାଶୀ ଖୁଣ୍ଟରୁ ମୁକୁଳାଇବା ପାଇଁ କେହି ଆଗ୍ରହୀ ନଥିଲେ।

ଅବଶ୍ୟ ଉପରାଷ୍ଟ୍ରପତି ଓ ସାଂସଦ ଶ୍ରୀଦୁବେ ବିଚାର ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରି ଆଉ ଏକ ପ୍ରଶ୍ନ ଛିଡ଼ା କରିଛନ୍ତି। ଦିଲ୍ଲୀ ହାଇକୋର୍ଟର ଜଣେ ବିଚାରପତିଙ୍କ ସରକାରୀ ବାସଭବନରୁ କୋଟି କୋଟି ଟଙ୍କା ମିଳିବା ପରେ ସୁପ୍ରିମକୋର୍ଟଙ୍କ ପକ୍ଷରୁ ଏହାର ତଦନ୍ତ ଆରମ୍ଭ କରାଯିବା ସହିତ ସମ୍ପୃକ୍ତ ବିଚାରପତିଙ୍କୁ ଅନ୍ୟ ହାଇକୋର୍ଟକୁ ବଦଳି କରାଯାଇଛି। ଏହି ଘଟଣାରେ ଉପରାଷ୍ଟ୍ରପତି ଓ ସାଂସଦ ଉଦ୍‌ବେଗ ପ୍ରକାଶ କରିବା ସ୍ୱାଭାବିକ। ତେବେ ସମ୍ବିଧାନର ବ୍ୟବସ୍ଥା ଅନୁଯାୟୀ ସମ୍ପୃକ୍ତ ବିଚାରପତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ଅସୁବିଧା କେଉଁଠି ? କାର୍ଯ୍ୟପାଳିକାରେ ଦୁର୍ନୀତି ବ୍ୟାଧି ବ୍ୟାପୁଥିବା ବେଳେ ସଂସଦ ଓ ବିଧାନସଭାରେ ହଟ୍ଟଗୋଳକୁ ରୋକିବା ପାଇଁ ମନା କରୁଛି କିଏ ? ନ୍ୟାୟପାଳିକାକୁ ନିରପେକ୍ଷ, ଉତ୍ତରଦାୟିତ୍ୱ ଓ ସ୍ୱଚ୍ଛ ରଖିବାରେ ଅସୁବିଧା କେଉଁଠି ? ସରକାରଙ୍କ ପ୍ରଣୀତ କୌଣସି ଆଇନ୍‌କୁ ଅସାମ୍ବିଧାନିକ / ବେଆଇନ୍ ଘୋଷଣା କରିବା କ୍ଷମତା ନ୍ୟାୟପାଳିକାର ରହିଛି। ସ୍ଥଳବିଶେଷରେ ତର୍ଜମା ପାଇଁ ବି ସାମ୍ବିଧାନିକ ଖଣ୍ଡପୀଠ ଗଠନ କରାଯାଇଥାଏ। ସୁପ୍ରିମକୋର୍ଟଙ୍କ ରାୟ ଉପରେ 'ରିଭ୍ୟୁ' କିମ୍ବା 'କ୍ୟୁରେଟିଭ୍' ପିଟିସନ୍ ଦାଖଲର ବ୍ୟବସ୍ଥା ଅଛି। ଅନ୍ତରୀଣ ଆଦେଶ ହଟାଇବା ଲାଗି ମଧ୍ୟ ଆଇନ୍‌ରେ ପ୍ରାବଧାନ ରହିଛି। ତେବେ ଆଇନ୍‌ଗତ ବ୍ୟବସ୍ଥାରେ ନଯାଇ ଚାଲିଛି ବିଚାର ବ୍ୟବସ୍ଥା ବିରୋଧରେ ବିବୃତି ଯୁଦ୍ଧ।

କାର୍ଯ୍ୟପାଳିକା ଓ ବ୍ୟବସ୍ଥାପିକା ସାମ୍ବିଧାନିକ ଲକ୍ଷ୍ମଣ ରେଖା ଟପିଲେ ନ୍ୟାୟପାଳିକା ତାହାର ନିୟନ୍ତ୍ରଣ କରିଥାଏ। ସୁପ୍ରିମକୋର୍ଟଙ୍କୁ ତ ସମ୍ବିଧାନର ଗାର୍ଡିଆନ୍ ବୋଲି କୁହାଯାଏ। ସେହିଭଳି ନ୍ୟାୟପାଳିକାର କୌଣସି ବିଚାରପତି ସୀମା ସରହଦ ଟପିଲେ ତାଙ୍କୁ ବି ସଂସଦ ସାମ୍ବିଧାନିକ ପ୍ରକ୍ରିୟାରେ ପଦବୀରୁ ଅନ୍ତର କରିଥାଏ। ବହୁ ଭାବିଚିନ୍ତି ସମ୍ବିଧାନ ପ୍ରଣେତାମାନେ ଏସବୁ ବ୍ୟବସ୍ଥା ରଖିଯାଇଛନ୍ତି। ଆମ ସମ୍ବିଧାନ ଦେଇଥିବା ବାକ୍ ସ୍ୱାଧୀନତା ଅନ୍ୟ କାହାକୁ ଗାଳି ଦେବା ପାଇଁ ଉଦ୍ଦିଷ୍ଟ ନୁହେଁ। ତିନୋଟିଯାକ ସ୍ତମ୍ଭ ନିଜର ମର୍ଯ୍ୟାଦା ରକ୍ଷା କରିବା ସହିତ ଅନ୍ୟ ସ୍ତମ୍ଭର ମର୍ଯ୍ୟାଦା ବଢ଼ାଇଲେ ଆମ ବ୍ୟବସ୍ଥା ସୁଦୃଢ଼ ହେବ। କିନ୍ତୁ ଏହା ପରିବର୍ତ୍ତେ ସୀମା ସରହଦ ବାହାରକୁ ଯାଇ ପରସ୍ପର ପ୍ରତି କାଦୁଅ ଫିଙ୍ଗିଲେ ବ୍ୟବସ୍ଥା କଳୁଷିତ ହୋଇଯିବ। ଏହି ତିନିସ୍ତମ୍ଭର ରକ୍ଷାକର୍ତ୍ତାମାନେ ନିଜ ନିଜକୁ ମାଲିକ ନଭାବି ଜନସାଧାରଣଙ୍କ ସେବକ ଭାବେ ନିଷ୍ଠା ଓ ନୈତିକତାର ସହ ଦାୟିତ୍ୱ ନିର୍ବାହ କଲେ ଦେଶର ପ୍ରକୃତ କଲ୍ୟାଣ ହେବ ଏବଂ ତାହା ଆମ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସମୃଦ୍ଧ କରିବ। ମାନ୍ୟବରମାନଙ୍କୁ ଲୋକେ ଏହା ଚେତାଇବା ଦରକାର। କାରଣ ଆମ ବ୍ୟବସ୍ଥାରେ ଜନଗଣ ହିଁ ସବୁଠାରୁ ବଡ଼।

# ପହଲଗାମ୍ ପାଇଁ ପହଲ

### ସୌମେନ୍ଦ୍ର ଜେନା

କାଶ୍ମୀରର ପହଲଗାମଠାରେ ଯେଉଁ ପର୍ଯ୍ୟଟକମାନଙ୍କ ଉପରେ ସନ୍ତ୍ରାସବାଦୀଙ୍କ ଆକ୍ରମଣ ହେଲା ତାହା ସମସ୍ତଙ୍କୁ ଜଣାଅଛି । ଏହି ଘଟଣା ପାଇଁ କାରଣ, ବାରଣ ଏବଂ ନିବାରଣ ପାଇଁ କଣ କରାଯାଇପାରେ ସେ ନେଇ ଅନେକ ଆଲୋଚନା ଜାରିଅଛି । କିନ୍ତୁ ସନ୍ତ୍ରାସବାଦଠାରୁ ପାକିସ୍ତାନ ଏହାପରେ ଯେ ଦୂରେଇ ରହିବ ତାହା ନୁହେଁ। ଯେଉଁ କାରଣରୁ ପାକ୍ ପ୍ରତିରକ୍ଷାମନ୍ତ୍ରୀ ସାକ୍ଷାତକାରରେ ସ୍ପଷ୍ଟ କହିଛନ୍ତି ଯେ ପାଶ୍ଚାତ୍ୟ ରାଷ୍ଟ୍ର ଓ ଆମେରିକାର ସ୍ୱାର୍ଥ ପାଇଁ ଗତ ତିନି ଦଶନ୍ଧି ଧରି ପାକିସ୍ତାନ ସନ୍ତ୍ରାସବାଦୀଙ୍କୁ ସମର୍ଥନ କରିଆସୁଛି । କେବଳ ସମର୍ଥନ କରୁଛି ବୋଲି କହିଲେ ଭୁଲ ହେବ ବରଂ ବିଶ୍ୱପାଇଁ ସନ୍ତ୍ରାସବାଦୀ କାରଖାନା ଖୋଲିଛି ଯାହା ଆଗାମୀ ଦିନମାନଙ୍କରେ ମଧ୍ୟ ଜାରି ରହିବ। ଏହାର କାରଣ ହେଲା ଯେ ବିଶ୍ୱର ବହୁତ ବଡ ଗୋଷ୍ଠୀର ଲୋକେ ଏମିତି ହିଂସା, ରକ୍ତପାତ, ସନ୍ତ୍ରାସବାଦ ପଛରେ କେବଳ ଛିଡା ହୋଇ ନାହାନ୍ତି ବରଂ ସହଯୋଗ କରିଆସୁଛନ୍ତି । ସେଥିପାଇଁ ପହଲଗାମ୍ ସମସ୍ୟା ପାଇଁ ଭାରତ ଅନେକ କିଛି ଭାବିଚିନ୍ତି ପଦକ୍ଷେପ ନେବା ଆବଶ୍ୟକ ।

ପହଲଗାମ୍ ଆକ୍ରମଣ ପରେ ପୃଥିବୀର ଅନେକ ବଡ ବଡ ଗଣମାଧ୍ୟମ ବିବିସି ଦି ଗାର୍ଡିୟନ, ଅଲ-ଜଜିରା, ଆସୋସିଏଟ୍ ପ୍ରେସ୍ (ଏପି) ପରି ସଂସ୍ଥା ସବୁ ଶବ୍ଦର ଖେଳକରି ସନ୍ତ୍ରାସବାଦୀଙ୍କ ପ୍ରତି ନରମ ହୋଇଛନ୍ତି। ଏହି ସବୁ ସଂସ୍ଥା ସନ୍ତ୍ରାସବାଦୀଙ୍କୁ ବନ୍ଧୁକଧାରୀ, ସଂଗ୍ରାମରତ, ବିଦ୍ରୋହୀ ପରି ଶବ୍ଦ ମାଧ୍ୟମରେ ପ୍ରକାଶ କରିଛନ୍ତି । ଏହିସବୁ ସଂସ୍ଥାର ବିଚାରରେ ସେମାନେ କେହି ସନ୍ତ୍ରାସବାଦୀ ନୁହନ୍ତି । କେହି କେହି କାଶ୍ମୀରକୁ ଉଲ୍ଲେଖ କରିବାକୁ ଯାଇ ଭାରତ ଅଧିକୃତ କାଶ୍ମୀର, ଭାରତ ନିୟନ୍ତ୍ରିତ କାଶ୍ମୀର, ଭାରତ ପ୍ରଶାସନିକ କ୍ଷେତ୍ରରେ ଥିବା କାଶ୍ମୀର ବୋଲି ଲେଖିଛନ୍ତି। ଆଗାମୀ ଦିନରେ ଏସବୁ ମିଡିଆ ସେସବୁ ଦେଶର ଲୋକଙ୍କ ନିକଟରେ ଘଟଣାର ପ୍ରକୃତ ଛବି ଯେ ପ୍ରଦର୍ଶନ କରିବ, ତାହା ମିଛକଥା। ଭାରତର ନାମଶୁଣି ଗାତ୍ରଦାହ ହେଉଥିବା ଏସବୁ ମିଡିଆ ପାଇଁ ଭାରତରେ ଅନ୍ତତଃ ପକ୍ଷେ କିଛି ପଦକ୍ଷେପ ଗ୍ରହଣ କରାଯିବା ଦରକାର । ତାହା ସରକାରୀ ସ୍ତରରେ ସମ୍ଭବ ହେଲେ ଭଲ ନଚେତ୍ ବେସରକାରୀ ସ୍ତରରେ ମଧ୍ୟ ଅନେକ କିଛି କରାଯାଇପାରେ । ଦେଶପ୍ରେମୀ ଲୋକେ ଅଧିକ ଚିନ୍ତା କରି ପାରିବେ । ଅଧିକ ସଚେତନ ହୋଇଥିବା ହେତୁ ସେମାନେ ଅନେକ ଦୂର ପର୍ଯ୍ୟନ୍ତ ଚିନ୍ତା କରିପାରିବେ । ଏହାଛଡା ଦେଶ ଭିତରେ ବହୁସଂଖକ ଅବିଜାର ସନ୍ତାନ ମଧ୍ୟ ରହିଛନ୍ତି , ସେମାନେ ଛଦ୍ମବେଶରେ ରହି ଦେଶର ଲୋକଙ୍କ ମାନସିକତାକୁ ଆଘାତ କରିବାରେ ଲାଗିପଡିଛନ୍ତି, ବ୍ୟକ୍ତି ସ୍ୱାଧୀନତା ଆଳରେ ଦେଶର ସମ୍ମାନକୁ କ୍ଷତି କରିବାକୁ ଯାଇ ୟୁଟ୍ୟୁବ, ଇନଷ୍ଟାଗ୍ରାମ, ଫେସ୍‌ବୁକ,ଏକ୍ସ ଆଦିରେ ମନ୍ତବ୍ୟମାନ ଆଗପଛ ବିଚାର ନକରି ପକାଇବାରେ ଲାଗିଛନ୍ତି । କେନ୍ଦ୍ର ସରକାର ନିର୍ଦ୍ଦିଷ୍ଟ ସମୟ ଭିତରେ ପାକ୍‌ଲୋକଙ୍କୁ ଭାରତରୁ ବାହାର କରିବାକୁ ସିନା ଘୋଷଣା କରିଦେଲେ, କିନ୍ତୁ ଦେଶ ଭିତରେ ଥିବା ମୀରଜାଫର, ଚରଣ ପଟ୍ଟନାୟକ ଗୋଷ୍ଠୀର ଲୋକଙ୍କ ପାଇଁ ଏପର୍ଯ୍ୟନ୍ତ କିଛି ଘୋଷଣା କରିନାହାନ୍ତି, ଯାହା ତୁରନ୍ତ ହେବା ଦରକାର । ସେମିତି କାଶ୍ମୀରରେ କେତେ ଶିଘ୍ର ନିର୍ବାଚନ ହେବ, ସରକାର ଗଢାଯିବ ବୋଲି ପ୍ରଶ୍ନ କରି ଯେଉଁ ମହାନ ବିଚାରକମାନେ ମାର୍ଗଦର୍ଶନ କରିଆସିଥିଲେ ଏବେ ସେମାନଙ୍କୁ ପ୍ରଶ୍ନ କରାଯାଉ ଯେ ଆବଶ୍ୟକ ସମୟ ପୂର୍ବରୁ ନିର୍ବାଚନ କରି ସେଠାରୁ ସୁରକ୍ଷାକର୍ମୀ ହ୍ରାସ କରିବା ଦ୍ୱାରା ଯେଉଁ କ୍ଷତିହେଲା ସେଥିପାଇଁ କଣ ସେମାନେ ଦାୟୀ ନୁହନ୍ତି । ଅସମ-ବିଧାନ ଭରି ଭରି ଯେଉଁମାନେ ସମ୍ବିଧାନର ପ୍ରଶଂସାରେ ଥକିପଡୁନାହାନ୍ତି ସେମାନଙ୍କୁ ପ୍ରଶ୍ନ କରାଯାଉ ଯେ ଏମିତି ଦ୍ୱନ୍ଦ୍ୱରେ କେତେ ଯୁଗ ଚାଲିଥିବ । ବ୍ରିଟିସମାନେ ଦେଶଛାଡି ଯାଇଛନ୍ତି ସତ, ହେଲେ ସେମାନଙ୍କୁ ପ୍ରଶଂସା କରିବା ଲୋକେ ବିଗତ ଦିନରେ ଯେମିତି ଥିଲେ ଆଜି ମଧ୍ୟ କିଛି କମ୍ ନାହାନ୍ତି । ସେମାନଙ୍କ ବ୍ୟବହାର, ପ୍ରଶଂସାରେ ଶତମୁଖ ହୋଇ ଆତ୍ମତୃପ୍ତି ଲାଭ କରୁଥିବା ଲୋକ ମଧ୍ୟ କିଛି କମ୍‌ନାହାନ୍ତି । ସମାଜର ଅମେରୁଦଣ୍ଡୀ ଏହିସବୁ ଲୋକେ ଦେଶପାଇଁ ପ୍ରକୃତରେ କଳଙ୍କଛଡା ଅନ୍ୟ କିଛି ନୁହଁନ୍ତି । ଏବେବି ଏହି ଲୋକ ସବୁଦିନ ପ୍ରତିଟି ମୁହୂର୍ତ୍ତରେ ଗ୍ରାମ, ବସ୍ତି, ଗଳି-କନ୍ଦି, ସହଜ-ବଜାରରେ ଦେଶର କ୍ଷତି ପହଞ୍ଚାଇବାରେ ବ୍ୟସ୍ତ । ବର୍ତ୍ତମାନର ସନ୍ଧିକ୍ଷଣରେ ସଚେତନ ଲୋକେ ଏମାନଙ୍କୁ ସବୁ ଖୋଜି ବାହାର କରିବା ସହ ଆବଶ୍ୟକ ଔଷଧ ମଧ୍ୟ ଦେବା ଦରକାର ।

ସମାଜର ସୁରକ୍ଷା ଚାହୁଁଥିବା ଲୋକେ, ପହଲଗାମ ପାଇଁ ପହଲ (ପଦକ୍ଷେପ) ନେବାକୁ ଚାହୁଁଥିବା ଲୋକେ ଏବେ ଅଧିକ କଥା ନକହି ସମାଜ ଭିତରେ ସତର୍କ, ସଚେତନ ଏବଂ ସୁରକ୍ଷାକର୍ମୀ ପରି କାର୍ଯ୍ୟକରନ୍ତୁ। ପାଖପଡିଶାରେ ଯଦି କେହି ଦେଶ ଓ ସମାଜ ବିରୋଧୀ କଥା କିମ୍ବା କାର୍ଯ୍ୟରେ ସାମିଲ ଅଛି ବୋଲି ସନ୍ଦେହ କରୁଛନ୍ତି ତେବେ ଅଧିକ ତଥ୍ୟ ସଂଗ୍ରହ କରନ୍ତୁ । ଦେଶ ବିରୋଧୀମାନଙ୍କୁ ଧରିବାରେ ସହାୟକ ହୁଅନ୍ତୁ। କାରଣ ଅତୀତରେ ଏମିତି କେତେକ ଅହଂମଣ୍ୟ, କ୍ଷମତାଲିପ୍ସୁ, ତଥାକଥିତ ସ୍ୱାର୍ଥପର ଲୋକମାନଙ୍କ ପାଇଁ ଦେଶର ବିଭାଜନ ହେଲା, ବିନାରକ୍ତପାତରେ ସ୍ୱାଧୀନତା ଲାଭ ହେବ ବୋଲି କହୁଥିବା ଲୋକଙ୍କ ଆଗରେ ୪୦ଲକ୍ଷ ଲୋକ ବଳି ପଡିଲେ । ଅଥଚ ଏମାନେ ସ୍ୱାଧୀନତା ପୂର୍ବରୁ ପାକିସ୍ତାନକୁ ଯେମିତି ସହଯୋଗ କରିଥିଲେ, ସ୍ୱାଧୀନତା ପରେ ମଧ୍ୟ ସେମିତି ଶ୍ରଦ୍ଧା, ସହାନୁଭୂତି ଏବଂ ସହଯୋଗ ପ୍ରଦାନ କରିକରି ଦେଶକୁ ଦୁର୍ବଳ କରିଦେଲେ । ଏହି ଲୋକେ ବାହାରେ ବ୍ରିଟିସ୍ ଲୋକଙ୍କ ବିରୋଧରେ କହୁଥିଲେ କିନ୍ତୁ ସନ୍ଧ୍ୟାରେ ତାଙ୍କ କ୍ଲବକୁ ଯାଉଥିଲେ, ତାଙ୍କ ସହ ମଦ-ସିଗାରେଟ୍ ଖାଉଥିଲେ । ଏପରିକି ଭାରତକୁ ଦୁର୍ବଳ କରିବାକୁ ସେମାନଙ୍କ ସହ ସାଲିସ ମଧ୍ୟ କରୁଥିଲେ । ଠିକ୍ ସେହି ମାନସିକତାର ଲୋକେ ଏବେ ସମାଜର ଭିନ୍ନ ଭିନ୍ନ ସ୍ତରରେ ସକ୍ରିୟ ଥିବା ଦେଖାଯାଉଛି । ଏମାନେ ଗୃହଶତ୍ରୁ ଗୋଷ୍ଠୀର ଲୋକ, ପଛପଟୁ ଛୁରୀ ମାରି ଦେବା ଏମାନଙ୍କର ଲକ୍ଷ୍ୟ । ଏହି ଗୋଷ୍ଠୀ ପ୍ରତି ସଚେତନ ରହିବା ନିହାତି ଜରୁରୀ ।

ଲୋକଙ୍କ ଧନଜୀବନ ହାନିସ□ ଯେଉଁମାନେ ବ୍ୟବସାୟ, ବାଣିଜ୍ୟ, ଆପଣାର ସ୍ୱାର୍ଥପାଇଁ ଅଧିକ ଚିନ୍ତିତ ସେମାନଙ୍କୁ ଚିହ୍ନଟ କରାଯାଉ । ଲୋକେ ସେମାନଙ୍କ ବ୍ୟବସାୟକୁ ବହିଷ୍କାର କରନ୍ତୁ । ସେମାନଙ୍କ ବାଣିଜ୍ୟଠାରୁ ମଧ୍ୟ ଦୂରେଇ ରହନ୍ତୁ। କାରଣ ଯୁଦ୍ଧ ପ୍ରାୟ ସ୍ଥିତିରେ ଦେଶର ସୀମାଗୁଡିକୁ ରକ୍ଷାକରିବା ଯେପରି ସେନା ବାହିନୀର କାର୍ଯ୍ୟ ଠିକ୍ ସେମିତି ଦେଶର ଆଭ୍ୟନ୍ତରୀଣ ବ୍ୟବସ୍ଥାକୁ ମଜଭୁତ କରିବା ହେଉଛି ସଚେତନ ଜନତାଙ୍କ କାର୍ଯ୍ୟ। ଏକଥା ମନେରଖିବା ଠିକ୍ ହେବ ଯେ ସ୍ୱାଧୀନତା ପୂର୍ବରୁ ଦେଶରେ ଯେଉଁ ନିର୍ବାଚନ ହୋଇଥିଲା ସେତେବେଳେ ମଧ୍ୟ ଓଡିଶାରେ ପାକ୍ ପ୍ରତି ସମର୍ଥନ ରହିଥିବା ଜଣାପଡିଥିଲା । ଆଜି ରାଜ୍ୟରେ ପାକ୍ ସମର୍ଥକ ରାଜନୈତିକ ଦଳ ଓଡିଶାରେ ନଥିଲେ ମଧ୍ୟ ସନ୍ତ୍ରାସବାଦ, ବିଭାଜନ ଏବଂ ପାକ୍‌ର ସମର୍ଥନରେ ଥିବା ଲୋକେ ଯେ ନାହାନ୍ତି ତାହା ନୁହେଁ, କାର୍ଯ୍ୟସିଦ୍ଧି ପାଇଁ ତଳେ ପଡିଥିବା ଛେପକୁ ମଧ୍ୟ ଚାଟିବା ପରି ଲୋକେ ରହିଛନ୍ତି । ସୁଲତା ଦେଓ ଏହାର ପ୍ରମାଣ ପହଲଗାମ୍ ପରବର୍ତ୍ତୀ ସମୟରେ ଭାରତକୁ ଭଲ ପାଉଥିବା ପ୍ରତ୍ୟେକ ବ୍ୟକ୍ତିପାଇଁ ସମାଜର ଲକ୍ଷ୍ୟ ବଡ ପ୍ରଶ୍ନ ହେବା ଆବଶ୍ୟକ ।

କେନ୍ଦ୍ର ସରକାର ଦେଶ ବାହାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚିନ୍ତା କରୁଥିବାବେଳେ ସନ୍ତ୍ରାସବାଦୀଙ୍କ ଉଚ୍ଚ ପ୍ରଶଂସା କରୁଥିବା ଝାଡଖଣ୍ଡର ମୌଲାନା ହେଉ କିମ୍ବା ଆସାମର ଟୋପିବାଜ୍ ବିଧାୟକ, ଏମାନଙ୍କୁ ପ୍ରଥମେ ସାବାଡ କରାଯିବା ଆବଶ୍ୟକ । ସେମିତି ମୁର୍ଶିଦାବାଦର ହିନ୍ଦୁ ହତ୍ୟାକାରୀଙ୍କୁ ପଶ୍ଚିମ ଓଡିଶାରେ ସୁରକ୍ଷା ଦେବାପରି ଲୋକେ ମଧ୍ୟ ରହିଛନ୍ତି । ଏହା ଯେ ପ୍ରଥମଥର ପାଇଁ ହୋଇଛି ତା'ନୁହେଁ । ଅତୀତରେ ସିମୀର ଏକାଧିକ ସନ୍ତ୍ରାସବାଦୀ ଏକାଧିକ ମାସ ଧରି ଓଡିଶାରେ ରହିଥିଲେ। ସେମାନଙ୍କ ପ୍ରତି ମଧ୍ୟ ସତର୍କ ଦୃଷ୍ଟି ରହିବା ଆବଶ୍ୟକ । କାରଣ ପାକ୍ ସନ୍ତ୍ରାସବାଦୀଙ୍କୁ ନିମନ୍ତ୍ରଣ କରି ଆଣି ପହଲଗାମରେ ଗଣହତ୍ୟା ରଚିଥିବା ସନ୍ତ୍ରାସବାଦୀଙ୍କ ଘରଲୋକେ ଏବେ ବି ସୁରକ୍ଷିତ ରହିଛନ୍ତି। ସେମାନଙ୍କର କିଛି ଶାରୀରିକ କ୍ଷୟକ୍ଷତି ହୋଇପାରିନାହିଁ ଏହା ହିଁ ବଡ ଆଶ୍ଚର୍ଯ୍ୟର କଥା । କେବଳ ନିନ୍ଦା ପ୍ରସ୍ତାବ, ବତୀଧରା ଶୋଭାଯାତ୍ରାରେ ଏହି ସମସ୍ୟାର ସମାଧାନ ହେବନାହିଁ । ବିଗତ ଦିନରେ ଶୈଳଶ୍ରୀ ବିହାର ଅଞ୍ଚଳରେ ବଙ୍ଗଳାଦେଶୀ ଲୋକଙ୍କ ଦ୍ୱାରା ସଂଗଠିତ ଆକ୍ରମଣ, ଖାରବେଳ ନଗର ଅନ୍ତର୍ଗତ ମାଳିସାହିରେ ଗଣେଶ/ ସରସ୍ୱତୀ ପୂଜାରେ ଆକ୍ରମଣ ଏବଂ ମୂର୍ତ୍ତି ଭଙ୍ଗାଯିବା ପରି ଘଟଣାମାନ ଘଟିଛି । ଦେଶଦ୍ରୋହର ଏହିସବୁ ଘଟଣାଗୁଡିକ ଆଗଧାଡିର ଗଣମାଧ୍ୟମରେ ସ୍ଥାନ ପାଇପାରୁନାହିଁ, ଯାହାଖାଲି ସୋସିଆଲ ମିଡିଆର ଛୋଟବର୍ଗ ଭିତରେ ଲୁଚିଯାଉଛି । କାଶ୍ମୀର, ପଶ୍ଚିମବଙ୍ଗ, ଆସାମପରି ଓଡିଶାରେ ମଧ୍ୟ ବିଦେଶୀଙ୍କୁ ସ୍ୱଦେଶୀ କରିବାକୁ ସବୁ ରାଜନୈତିକ ଦଳର ନିର୍ବାଚନ ଲଢୁଥିବା ନେତାମାନେ ଲାଗିପଡିଛନ୍ତି,ଏମାନଙ୍କର ଚିହ୍ନଟ ହେବା ଦରକାର । ପହଲଗାମର ପହଲ କେବଳ ସୀମିତ କ୍ଷେତ୍ରରେ ହେଲେ ହେବନାହିଁ, ବ୍ୟାପକ କ୍ଷେତ୍ରକୁ ପ୍ରସାରିତ ହେବା ଆବଶ୍ୟକ । ଗାଜାକୁ ଭଲପାଉଥିବା ଲୋକେ ଭାରତକୁ ଭଲପାଇବେ ନାହିଁ । ଭାରତର ନୀତିକୁ ଗ୍ରହଣ କରିବେ ନାହିଁ । ଗାଜାର ସମର୍ଥନରେ ହାମାସର ସମର୍ଥନରେ କାଶ୍ମୀରରେ ଯେଉଁ ଗଣ ସମାବେଶ ହୋଇଥିଲା ତାହା ଜଣାଅଛି । ଗତ କିଛିଦିନ ପୂର୍ବେ ହାମାସ ଲୋକ ପାକ୍ ଅଧିକୃତ କାଶ୍ମୀରକୁ ଆସି ଇସ୍ରାଏଲର ପର୍ଯ୍ୟଟକଙ୍କ ଉପରେ ଯେପରି ଆକ୍ରମଣ ହୋଇଥିଲା, ସେହିପରି ଆକ୍ରମଣ ଭାରତ ଉପରେ କରିବାକୁ କହିବା ପରେ ପହଲଗାମ ଆକ୍ରମଓ ହୋଇଛି । ଏସବୁ ଆମେ ଅତୀତ ଦିନମାନଙ୍କରେ ଦେଖି ଆସିଲୁ । ସମ୍ବଲଠାରୁ ମୁର୍ଶିଦାବାଦ ଆମ ସମ୍ମୁଖରେ ଉଦାହରଣ । ମୋଦୀ ଯେତେ ବିକାଶ କରନ୍ତୁ, ଯେତେ ଜିଡିପି ବଢାଇବା କଥା କହୁଥାନ୍ତୁ, ପାକ୍‌ପ୍ରେମୀ ପିଡିପି ଏଠି ଅଛି ସେସବୁକୁ ଧ୍ୱଂସ କରିବା ପାଇଁ, ସନ୍ତ୍ରାସୀଙ୍କୁ ସଂଗ୍ରାମୀଭାବେ ଛିଡା କରିବାଲାଗି ।

ବିଶ୍ୱ ସହ ସଂପର୍କ ଯୋଡୁଥିବା ଭାରତର ପ୍ରଧାନମନ୍ତ୍ରୀ ଜାଣିବା ଆବଶ୍ୟକ ଯେ ଦେଶକୁ ନିଃସ୍ୱ କରିବା ଉଦ୍ଦେଶ୍ୟରେ ଗୋଷ୍ଠୀମାନେ ସକ୍ରିୟ ରହିଛନ୍ତି । ତେଣୁ ସରକାରଙ୍କୁ ଅଧିକ କଠୋର ହେବାକୁ ପଡିବ । ଦେଶକୁ ଦୁର୍ବଳ କରୁଥିବା ସୁପ୍ରିମକୋର୍ଟଠାରୁ ଆରମ୍ଭ କରି ଅନ୍ୟାନ୍ୟ ସଂସ୍ଥାଗୁଡିକ ଉପରେ ଲଗାମ ଲଗାଇବାକୁ ହେବ । ସନ୍ତ୍ରାସୀଙ୍କ ପ୍ରତି ଶ୍ରଦ୍ଧା ରଖୁଥିବା ବ୍ୟକ୍ତି, ସଂଗଠନଗୁଡିକ ଉପରେ କଟକଣା ଜାରି କରିବାକୁ ହେବ । ପହଲଗାମ ପାଇଁ ଏସବୁ ଗୋଟିଏ ଗୋଟିଏ ପହଲ ହେବ। ଦେଶରକ୍ଷା ପାଇଁ ଏସବୁ ପଦକ୍ଷେପ କଠୋର ହେଲେ ମଧ୍ୟ ଗ୍ରହଣୀୟ, ସ୍ୱାଗତ ଯୋଗ୍ୟ ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

# ପ୍ରାତଃ ସ୍ମରଣୀୟ ଉତ୍କଳଗୌରବ ମଧୁସୂଦନ ଦାସ

### ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ସମଗ୍ର ବିଶ୍ୱ ଇତିହାସର ଗର୍ଭାନୁଶୀଳନ କଲେ ତ୍ୟାଗ , ତିତିକ୍ଷା , ବଳିଦାନର ସର୍ବକାଳୀନ ତ୍ୟାଗର ଶ୍ରେୟ କେବଳ ଏହି ମହାପୁରୁଷଙ୍କ ପାଇଁ ଓଡ଼ିଆ ଇତିହାସ ହିଁ ନେବ। ଏହାର ସମୁଜ୍ଜ୍ୱଳ ଐତିହାସିକ ମହାନାୟକ ରାଜା ଇନ୍ଦ୍ରଦ୍ୟୁମ୍ନ। ସେଥିପାଇଁ ଇନ୍ଦ୍ରଦ୍ୟୁମ୍ନଙ୍କ ଶ୍ରାଦ୍ଧ ଦେଇଆସୁଛନ୍ତି ପ୍ରଭୁ ଜଗନ୍ନାଥ । ? ମହାପୁରୁଷଙ୍କ ଜୀବନାଲେଖ୍ୟ ଓ ଅକଳ୍ପନୀୟ ଅବଦାନକୁ ଉପଜୀବ୍ୟ କଲେ ପ୍ରତ୍ୟେକ ଓଡ଼ିଆ ତାଙ୍କ ମାଟିର ପାତାଳ ଭେଦୀ କୃତଜ୍ଞତା ଜ୍ଞାପନ ସଂସ୍କୃତି ଆଧାରରେ କୁଳବୃଦ୍ଧ ମଧୁସୂଦନଙ୍କ ଜୟନ୍ତୀରେ ଜୟଗାନ ଓ ଶ୍ରାଦ୍ଧରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଏକ କୃତଜ୍ଞୀୟ କର୍ତ୍ତବ୍ୟ। ଇହଲୀଳା ସମ୍ବରଣ କରିବା କିଛି ମୁହୂର୍ତ୍ତ ପୂର୍ବରୁ ତାଙ୍କ ଶଯ୍ୟା ନିକଟରେ ଉପସ୍ଥିତ ଥିବା ପଣ୍ଡିତ ନୀଳକଣ୍ଠ ତାଙ୍କୁ ପଚାରିଥିଲେ ' ଓଡ଼ିଶାବାସୀ ଙ୍କ ପାଇଁ ତାଙ୍କର କିଛି କହିବାର ଅଛି କି ?' ମଧୁ ବାବୁ କ୍ଷୀଣ ସ୍ୱରରେ କହିଥିଲେ ' ଓଡ଼ିଶାବାସୀ ତାଙ୍କର ଅନ୍ତର ନିର୍ମଳ ରଖିବେ। ମୁଁ ତ ଯାଉଛି , ମନେ ରଖିଥିବ ଜଣେ 'ଓଡ଼ିଆ ଥିଲା'। ଉତ୍କଳୀୟ ସ୍ୱାଭିମାନର ପ୍ରତୀକ ମଧୁସୂଦନ ଦାସଙ୍କୁ ଲକ୍ଷ୍ୟ କରି ଯଥାର୍ଥରେ ଫକୀର ମୋହନ ଲେଖିଥିଲେ - ଧନ୍ୟ ଧନ୍ୟ ଧନ୍ୟ ମଧୁସୂଦନ , ଉତ୍କଳ ମାତାର ଯୋଗ୍ୟ ସନ୍ତାନ , ଦେଲ ଉତ୍କଳିୟ ଙ୍କୁ ନବ ଜୀବନ , ଶିଖାଇଲ ଲୋକେ ଜାତି ବନ୍ଦନ। ଓଡ଼ିଆ ଜାତିର ଗର୍ବ , ଗୌରବ , ସ୍ୱାଭିମାନର ପ୍ରତୀକ , ଜାତୀୟ ଜାଗରଣର ପ୍ରତିବଦ୍ଧତାଧର୍ମୀ ମହାନାୟକ , ଅନେକ କ୍ଷେତ୍ରରେ ପ୍ରଥମ ଓଡ଼ିଆ , ଯଥା - ପ୍ରଥମ ସ୍ନାତକ , ପ୍ରଥମ ସ୍ନାତକୋତ୍ତର , ପ୍ରଥମ ସ୍ୱୀକୃତିପ୍ରାପ୍ତ ଅଧିବକ୍ତା , ପ୍ରଥମ ବିଲାତ ଯାତ୍ରୀ , ପ୍ରାଦେଶିକ ବ୍ୟବସ୍ଥାପକ ସଭା ଓ କେନ୍ଦ୍ରୀୟ ବ୍ୟବସ୍ଥାପକ ସଭାର ପ୍ରଥମ ଓଡ଼ିଆ ସଦସ୍ୟ , ପ୍ରଥମ ଓଡ଼ିଆ ମନ୍ତ୍ରୀ , ଏପରିକି ପ୍ରଥମ ଭାରତୀୟ ସ୍ୱେଚ୍ଛାକୃତ ମନ୍ତ୍ରୀତ୍ୱ ରୁ ଇସ୍ତଫା ପ୍ରଦାତା , ଶିଳ୍ପ ଉଦ୍ୟୋଗୀ ଭଳି ବହୁ କ୍ଷେତ୍ରରେ ସର୍ବକାଳୀନ ଆଦର୍ଶ , ଯାହାଙ୍କର ଜୀବନାଲେଖ୍ୟର ଦିନ ପଞ୍ଜିକା ହିଁ ଓଡ଼ିଶାର ଇତିହାସ, ପିଢ଼ି ପରେ ପିଢ଼ି ପ୍ରତି ଓଡ଼ିଆଙ୍କ ଚିର ବନ୍ଦନୀୟ , ପ୍ରାତଃ ସ୍ମରଣୀୟ , ଉତ୍କଳ ଗୌରବ ବାରିଷ୍ଟର୍ ମଧୁସୂଦନ ଦାସ।

ମଧୁସୂଦନ ଦାସ କଟକ ଜିଲ୍ଲାର ସତ୍ୟଭାମାପୁରରେ ୨୮ ଅପ୍ରେଲ ୧୮୪୮ ରେ ଜନ୍ମଗ୍ରହଣ କରିଥିଲେ। ପିତା ଚୌଧୁରୀ ରଘୁନାଥ ଦାସ ଓ ମାତା ପାର୍ବତୀ ଦେବୀଙ୍କ ପୁଅ ମଧୁସୂଦନଙ୍କ ପ୍ରଥମ ନାମ ଥିଲା ଚୌଧୁରୀ ଗୋବିନ୍ଦ ବଲ୍ଲଭ ଦାସ। ପରେ ତାଙ୍କ ବାପା , ମାଆ ତାଙ୍କ ନାମକୁ ବଦଳାଇ ମଧୁସୂଦନ ରଖିଥିଲେ। ତାଙ୍କର ପାଠପଢ଼ା ଆରମ୍ଭ ହୋଇଥିଲା ସତ୍ୟଭାମାପୁରର ଗାଁ ଚାଟଶାଳୀରୁ ମାଟି ବଂଶ ଅବଧାନଙ୍କ ତତ୍ତ୍ୱାବଧାନରେ। ଚାଟଶାଳୀ ପଢ଼ା ଶେଷ କରି ସେ କଟକ ଗଲେ ଓ ଇଂରାଜୀ ବିଦ୍ୟାଳୟରେ ନାମ ଲେଖାଇଲେ। ୧୮୬୪ରେ ମଧୁସୂଦନ ଅନ୍ୟ ଚାରିଜଣଙ୍କ ସହ କଟକ ସ୍କୁଲରୁ ଦ୍ୱିତୀୟ ଶ୍ରେଣୀରେ ଏଣ୍ଟ୍ରାନ୍ସ ପାସ କରିଥିଲେ ଯାହାକୁ ଆଜି ଦିନରେ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା କୁହାଯାଉଅଛି। ଏହା ପରେ ସେ ବାଲେଶ୍ୱରରେ କିରାଣି ଚାକିରିଟିଏ କଲେ। କିଛି ପଇସା ସଞ୍ଚୟ କରି ସେ ଉଚ୍ଚଶିକ୍ଷା ନିମିତ୍ତ ଚାନ୍ଦବାଲି ଦେଇ ଧୂଆଁକଳ ଚାଳିତ ନାଆରେ କଲିକତା ଯାତ୍ରା କଲେ। ୧୮୭୦ରେ ସେ ବି.ଏ. ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ। ସେତେବେଳେ କଲିକତା ବିଶ୍ୱବିଦ୍ୟାଳୟରେ ବି.ଏ. ପରୀକ୍ଷାର୍ଥୀ ମାନଙ୍କ ସଂସ୍କୃତ ପରୀକ୍ଷାର ଉତ୍ତର ନିଜ ମାତୃଭାଷରେ ଲେଖିବା ନିୟମ ଥିଲା , କିନ୍ତୁ ପରୀକ୍ଷକ ବଙ୍ଗଳା ଛଡ଼ା ଅନ୍ୟ କୌଣସି ଭାଷା ଜାଣି ନଥିବାରୁ ବଙ୍ଗଳା ବ୍ୟତୀତ ଅନ୍ୟ କୌଣସି ଲିପିରେ ସଂସ୍କୃତ ପ୍ରଶ୍ନୋତ୍ତର ଲେଖିବାକୁ ଅନୁମତି ମିଳୁନଥିଲା। ମଧୁବାବୁ ନିଜ ମାତୃଭାଷା ଓଡ଼ିଆରେ ସଂସ୍କୃତର ଉତ୍ତର ଲେଖିବାପାଇଁ ଜିଦ ଧରି ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ ସଦସ୍ୟମାନଙ୍କୁ ଜଣାଇଲେ। ସେଠାରୁ କୌଣସି ସୁଫଳ ନ ମିଳିବାରୁ ସେ ତତ୍କାଳୀନ ବଙ୍ଗ-ବିହାର-ଓଡ଼ିଶାର ଲ୍ୟୁଟନାଣ୍ଟ ଗଭର୍ଣ୍ଣର ସାର ଉଇଲିଅମ ଗ୍ରେଙ୍କ ନିକଟକୁ ଏକ ଟେଲିଗ୍ରାମ ପ୍ରେରଣ କରିବାପରେ ଗ୍ରେଙ୍କ ହସ୍ତକ୍ଷେପ ପରେ ସେ ଓଡ଼ିଆରେ ନିଜର ଉତ୍ତର ଲେଖିଥିଲେ। କଲିକତାରେ ଅମ୍ବିକା ପ୍ରସାଦ ହାଜିରା ନାମକ ବଙ୍ଗୀୟ ଖ୍ରୀଷ୍ଟିୟାନ ପାଦ୍ରୀଙ୍କ ସହିତ ସେ ପରିଚିତ ହେଲେ। ଅମ୍ବିକା ପ୍ରସାଦ ମଧୁସୂଦନଙ୍କର ଉଚ୍ଚଶିକ୍ଷାପ୍ରତି ଆଗ୍ରହ ଦେଖି ତାଙ୍କୁ ଏ ଦିଗରେ ସାହାଯ୍ୟ କଲେ କ୍ଷ ସେଠାରେ ମଧୁବାବୁ ଇଂରାଜୀ ସାହିତ୍ୟରେ ଏମ୍.ଏ. ପାସ କଲାପରେ କଲିକତାରେ ଏକ ସ୍କୁଲରେ ଶିକ୍ଷକତା କଲେ। ତତ୍କାଳିନ କଲିକତାରେ କଲେଜ ପାଠ ପଢ଼ିବା ନିମନ୍ତେ ଏଣ୍ଟ୍ରାନ୍ସ ପରୀକ୍ଷା ପାସ କରିବା ଦରକାର ପଡୁଥିଲା। ଏଣ୍ଟ୍ରାନ୍ସ ପରୀକ୍ଷା ନିମନ୍ତେ ଏକ ଛାତ୍ର ସହାୟକ ପୁସ୍ତକ 'ମଡେଲ କୋଶ୍ଚିନ୍ସ' ରଚନା କରିଥିଲେ। ଗଣିତ ଓ ଭୂଗୋଳରେ ତାଙ୍କର ଭଲ ଦଖଲ ଥିଲା। ନିଜର ଗୁଣ ଓ କର୍ମନିଷ୍ଠା ବଳରେ ସେ କଲିକତାର ଶ୍ରୀରାମପୁର କଲେଜରେ ଅଧ୍ୟାପକ ଭାବରେ ନିଯୁକ୍ତ ହେଲେ। ଛାତ୍ର ଛାତ୍ରୀମାନଙ୍କର ଅତି ପ୍ରିୟ ମଧୁବାବୁ ଇତି ମଧ୍ୟରେ କଲିକତା ବିଶ୍ୱବିଦ୍ୟାଳୟରୁ ବି.ଏଲ୍. ପାସ କରି ସାରିଥିଲେ। ସେ ସମୟରେ ନିଜ ପେଟପାଟଣା ପାଇଁ ଅନେକ ଓଡ଼ିଆ କଲିକତାରେ ଚାକିରି କରୁଥିଲେ। ସେମାନଙ୍କର ଶିକ୍ଷାଗତ ଉନ୍ନତି ପାଇଁ ମଧୁବାବୁ କଲିକତାରେ ନୈଶ ବିଦ୍ୟାଳୟ ସ୍ଥାପନା କରାଇଥିଲେ। ଓକିଲ ହେବାପରେ ମଧୁବାବୁ ପ୍ରଥମେ ଚବିଶ ପ୍ରଗଣା ଅନ୍ତର୍ଗତ ଆଲିପୁର କୋର୍ଟରେ ଓକିଲାତି ଆରମ୍ଭ କରିଥିଲେ। ପରେ ସେ କଲିକତା ହାଇକୋର୍ଟରେ ବାରିଷ୍ଟର ଜେଟି ଉଡ୍ରଫଙ୍କ ସହଯୋଗୀ ଭାବେ ଓକିଲାତି କରିଥିଲେ। ୧୨ ସେପ୍ଟେମ୍ବର ୧୮୮୧ରେ କଲିକତାରୁ ଫେରି ସେ କଟକରେ ଓକିଲାତି କଲେ। ଓକିଲ ମହଲରେ ପ୍ରଥମେ ତାଙ୍କୁ ଅନେକ ପରିହାସର ସାମନା କରିବାକୁ ହୋଇଥିଲେ। କିନ୍ତୁ ଖଣ୍ଡପଡ଼ା ରାଜାଙ୍କ ମୋକଦ୍ଦମା , କେନ୍ଦୁଝରା ରାଜାଙ୍କ ମୋକଦ୍ଦମା , ଶ୍ରୀମନ୍ଦିର ପରିଚାଳନା ବିବାଦ ଭଳି କେତେକ ଜଟିଳ ମୋକଦ୍ଦମାରେ ନିଜର ଦକ୍ଷତାର ପରିଚୟ ଦେଇ ସେ ନିଜକୁ କଟକ ଓକିଲମାନଙ୍କ ଭିତରେ ଶ୍ରେଷ୍ଠ ପ୍ରମାଣିତ କରି ପାରିଥିଲେ।

ଉତ୍କଳର ଗଜପତି ଦିବ୍ୟସିଂହ ଦେବ, ସାଧୁ ଶିବାଦାସଙ୍କ ହତ୍ୟା ଅଭିଯୋଗରେ ଅଭିଯୁକ୍ତ ହୋଇ ନିର୍ବାସନ ଦଣ୍ଡରେ ଦଣ୍ଡିତ ହୋଇଥିଲେ। ତାଙ୍କ ପୁତ୍ର ଜଗନ୍ନାଥ ଜେନାମଣି ଯିଏ ପରେ ମୁକୁନ୍ଦ ଦେବ ଭାବେ ପରିଚିତ ନାବାଳକ ଥିବାରୁ ମନ୍ଦିର ପରିଚାଳନାରେ ତ୍ରୁଟି ଦର୍ଶାଇ , ମନ୍ଦିରର ବଂଶାନୁକ୍ରମିକ ପରିଚାଳନା ଭାର କାଢି ନେବା ନିମନ୍ତେ ଏକ ଦେବାନୀ ମୋକଦ୍ଦମା ଦାଏର କରିଥିଲେ। ମଧୁବାବୁ ଜଗନ୍ନାଥ ଜେନାମଣିଙ୍କ ମାତାମହୀ ସୂର୍ଯ୍ୟମଣୀ ପାଟ ମହାଦେଇଙ୍କ ତରଫରୁ ପ୍ରତିବାଦୀ ଭାବରେ , ବ୍ରିଟିଶ ସରକାର ଧର୍ମରେ ଅଯଥା ହସ୍ତକ୍ଷେପ କରୁଛନ୍ତି ବୋଲି ମୋକଦ୍ଦମା ଲଢ଼ି ଜୟ ଲାଭ କରିଥିଲେ। ସେ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ ହୋଇଥିଲେ ମଧ୍ୟ ଏହି ମୋକଦ୍ଦମାଟି ବିନା ପାରିଶ୍ରମିକରେ ଲଢ଼ିଥିଲେ। ୬ ଜାନୁଆରୀ ୧୯୨୧ ମସିହାରେ ମଧୁବାବୁ ବିହାର ଓଡ଼ିଶାର ମନ୍ତ୍ରୀରୂପେ ନିଯୁକ୍ତି ପାଇଥିଲେ। ସେତେବେଳେ ମନ୍ତ୍ରୀମାନଙ୍କୁ ମାସିକ ବେତନ ମିଳୁଥିଲା। ଇଂରେଜ ସରକାରଙ୍କଠାରୁ ଦରମା ନେଇ କାମ କଲେ ଲୋକଙ୍କୁ ନିରପେକ୍ଷ ସେବା ଦେବା ସମ୍ଭବ ନୁହେଁ ବୋଲି ଯୁକ୍ତି କରି ସେ ଅବୈତନିକ ମନ୍ତ୍ରୀପଦ ପାଇଁ ପ୍ରସ୍ତାବ ରଖିଥିଲେ। ସରକାର ଏଥିରେ ରାଜି ନ ହେବାରୁ ୯ ମାର୍ଚ୍ଚ ୧୯୨୩ରେ ସେ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ।

କଟକର ସୁନାରୂପାର ତାରକସି କାମ ପାଇଁ ମଧୁସୂଦନ ଦାସ ନିଜ ବାସଘରେ ଏକ କର୍ମଶାଳାର ଆୟୋଜନ କରି କାରିଗରମାନଙ୍କୁ ତାଲିମ ପ୍ରଦାନ କରିବାର ବ୍ୟବସ୍ଥା କରାଇଥିଲେ। ଏଥି ସହିତ ସୁନା , ରୂପା ଓ ଅନ୍ୟାନ୍ୟ କଞ୍ଚାମାଲ କିଣିବା ଲାଗି ସେ କାରିଗରମାନଙ୍କୁ ପଇସା ମଧ୍ୟ ଦେଉଥିଲେ। ବିକ୍ରି ହେଉ କି ନ ହେଉ ସେମାନଙ୍କ କାମ ନିମନ୍ତେ ସେ ଦୈନିକ ବେତନ ଦେଉଥିଲେ। ଲଣ୍ଡନ ଯାଇଥିବା ବେଳେ ସେ ସେଠାରେ ଏହିସବୁ କାମର ଏକ ପ୍ରଦର୍ଶନୀର ଆୟୋଜନ କରିଥିଲେ। କଟକରେ ସେ ଉତ୍କଳ ଟ୍ୟାନେରୀ ନାମକ ଜୋତା କାରଖାନା ପ୍ରତିଷ୍ଠା କରିଥିଲେ। ଖରାପ ହୋଇଯାଉଥିବା ଜୋତାଗୁଡ଼ିକୁ ବଜାରକୁ ନ ଛାଡ଼ି ତାକୁ ପୋଡ଼ି ପକାଉଥିଲେ । ଏହା ଫଳରେ ଉତ୍କଳ ଟ୍ୟାନେରୀ ବହୁ କ୍ଷତି ସହିଥିଲା । ଜଣେ ଲେଖକ ଓ କବି ଭାବରେ ସେ ଅନେକ ଦେଶାତ୍ମବୋଧକ ଲେଖା ଲେଖିଛନ୍ତି। ସେ ଓଡ଼ିଆ ଓ ଇଂରାଜୀରେ ଅନେକ ଉପାଦେୟ ଲେଖା ଲେଖିଯାଇଛନ୍ତି। ତାଙ୍କର କେତୋଟି ଜଣାଶୁଣା ଲେଖା ହେଉଛି, 'ଉତ୍କଳ ସନ୍ତାନ' , 'ଜାତି ଇତିହାସ' , 'ଜ୍ଞାନୀର ଉକ୍ତି' , 'ଜାତୀୟ ଗୀତିକା'। ସେ ମଧ୍ୟ ଓଡ଼ିଆ , ଇଂରାଜୀ ଓ ବଙ୍ଗଳାରେ ଜଣେ ସୁବକ୍ତା ଥିଲେ। ଓଡ଼ିଶାର ବିଚ୍ଛିନ୍ନାଞ୍ଚଳର ଏକତ୍ରୀକରଣ ପାଇଁ ସେ ସାରାଜୀବନ ସଂଗ୍ରାମ କରିଥିଲେ। ତାଙ୍କର ପ୍ରଚେଷ୍ଟା ଫଳରେ ୧୯୩୬ ମସିହା ଅପ୍ରେଲ ୧ ତାରିଖରେ ଭାଷା ଭିତ୍ତିରେ ପ୍ରଥମ ଭାରତୀୟ ରାଜ୍ୟ ଭାବେ ଓଡ଼ିଶାର ପ୍ରତିଷ୍ଠା ସମ୍ଭବ ହୋଇଥିଲା। ୧୯୩୪ ମସିହା ଫବୃୟାରୀ ମାସ ୪ ତାରିଖରେ ସେ ମୃତ୍ୟୁବରଣ କରିଥିଲେ।

ଅରଙ୍ଗାବାଦ ବରୀ ଯାଜପୁର
ମୋବାଇଲ - ୯୯୩୮୯୦୬୦୭୦

# ବଲିଉଡ୍ ସିନେମା ଅପେକ୍ଷାରେ ଅଙ୍କିତା

ସୋନି ଲାଇଭ୍ ଟିଭିର ଓଟିଟି ୱେବ୍ ଧାରାବାହିକ 'ଦି ହ୍ୱିସଲ୍‌ବ୍ଲୋଅର'ରେ ନିର୍ବାହ କରିଥିବା ଡକ୍ଟର ପ୍ରଜ୍ଞା ଚରିତ୍ର ପାଇଁ ସୁପରିଚିତ ଅଭିନେତ୍ରୀ ଅଙ୍କିତା ଶର୍ମାଙ୍କର ମନରେ ଏକ ଅବସୋସ ରହିଯାଇଛି । ବିଭିନ୍ନ ଟିଭି ଧାରାବାହିକରେ ଦର୍ଶକଙ୍କ ମନରେ ସେ ଏକ ସ୍ୱତନ୍ତ୍ର ଛାପ ଛାଡ଼ିପାରିବାରେ ସକ୍ଷମ ହୋଇଥିଲେ ହେଁ ସିନେ ଦର୍ଶକଙ୍କ ପାଇଁ ସେ ଜଣେ ଅନାମଧେୟ ତାରକା । ଯଦିଓ ଦୀର୍ଘ ନଅ ବର୍ଷ ତଳେ 'ଉଦିକ' ଓ 'ବାଜ' ପରି ଦୁଇଟି ପଞ୍ଜାବୀ ଫିଲ୍ମରେ ଅଭିନୟ କରିବାର ସୁଯୋଗ ତାଙ୍କୁ ମିଳିଥିଲା, ତେବେ ସେ ସେଭଳି ଲୋକପ୍ରିୟତା ସାଉଁଟି ପାରିନଥିଲେ । ଫଳସ୍ୱରୂପ, ସେବେଠାରୁ ସିନେଜଗତରେ ତାଙ୍କ ହାତ ଖାଲି ପଡ଼ିଛି । ଯଦିଓ ଟିଭି ଓ ୱେବ ଧାରାବାହିକରେ ସେ ସାମୟିକ ଭାବେ ମନକୁ ଆଶ୍ୱସ୍ତ କରୁଛନ୍ତି, ତେବେ ଫିଲ୍ମ ଦୁନିଆରେ ନିଜର ପ୍ରଦର୍ଶନ ପରଖିବା ପାଇଁ ସେ ବ୍ୟାକୁଳତାର ସହ ଅପେକ୍ଷା କରି ରହିଛନ୍ତି । ଚଣ୍ଡୀଗଡ଼ଠାରେ ୧୯୯୫ ମେ ୩୧ ତାରିଖରେ ଏକ ବ୍ରାହ୍ମଣ ପରିବାରରେ ଜନ୍ମ ନେଇଥିବା ଅଙ୍କିତା ୨୦୧୪ରେ ଏନଟିଭି ଦ୍ୱାରା ପ୍ରଯୋଜିତ ବାସ୍ତବଧର୍ମୀ ଟିଭି ଧାରାବାହିକ 'ଟିକେଟ୍ ଟୁ ବଲିଉଡ୍' ଜିତିଲା ପରେ ସେ ଅଭିନୟ ଦୁନିଆରେ ନିଜକୁ ପ୍ରତିଷ୍ଠିତ କରିପାରିବେ ବୋଲି ସ୍ୱପ୍ନ ଦେଖିଥିଲେ । ସୁଯୋଗକୁ ତହିଁ ପରବର୍ଷ ତାଙ୍କୁ ଜିଟିଭି ଦ୍ୱାରା ପ୍ରଯୋଜିତ ଧାରାବାହିକ 'ଲାଜବନ୍ତୀ'ରେ ଶୀର୍ଷକ ଭୂମିକା ନିର୍ବାହର ସୁଯୋଗ ମିଳିଥିଲା । ଏଥିରେ ତାଙ୍କୁ ଶ୍ରେଷ୍ଠ ଯୋଡ଼ି (ସିଦ୍ଧ ମକ୍କାରଙ୍କ ସହ) ଭାବେ 'ଜୀ ରିସ୍ତେ' ସମ୍ମାନ ମିଳିଥିଲା । ଏହି ଆଶାନୁରୂପ ପ୍ରାରମ୍ଭିକ ସଫଳତା ତାଙ୍କ ପାଇଁ ପରବର୍ତୀ ଧାରାବାହିକ 'ୟେହ୍ୱାଦା ରହା'ରେ ଏକ ପ୍ରମୁଖ ଭୂମିକା ସୁରକ୍ଷିତ କରିଦେଇଥିଲା । ପରବର୍ତୀ ଧାରାବାହିକ 'ଏକ ଶ୍ରୀଙ୍ଗାର ସ୍ୱାଭିମାନ'ରେ ତାଙ୍କର ଅନୁରୂପ ଶୀର୍ଷକ ଭୂମିକା ଆଶାତୀତ ଲୋକପ୍ରିୟତା ଆଣିଦେଇଥିଲା । ଏହି ଅବସରରେ 'ବିଗ୍ ବସ୍-୧୦' ଓ 'ରାଇଜିଂ ଷ୍ଟାର' ପରି ବାସ୍ତବଧର୍ମୀ ଧାରାବାହିକରେ ତାଙ୍କର ଅତିଥି ଭୂମିକା ମଧ୍ୟ ଦର୍ଶକମାନଙ୍କୁ ମୁଗ୍ଧ କରିପାରିଥିଲା । ପରବର୍ତୀ ଧାରାବାହିକ 'ଶଶୁରାଲ ସିମର କା', 'ଦିଲ ସେ ଦିଲ ତକ' ଓ 'ଲାଲ୍ ଇସ୍କ'ରେ ଭିନ୍ନ ଭିନ୍ନ ଚରିତ୍ର ଦ୍ୱାରା ଦର୍ଶକଙ୍କୁ ଭରପୂର ମନୋରଞ୍ଜନ ଯୋଗାଇପାରିଥିଲେ ହେଁ ଗତ ଚାରି ବର୍ଷ ହେଲା ତାଙ୍କୁ ସେଭଳି ଆଉ ଟିଭିରେ ଦେଖିବାକୁ ମିଳୁନାହିଁ । ଅପରପକ୍ଷେ, ସେ ଅଧୁନା ୱେବ୍ ଧାରାବାହିକରେ ନିଜ ପ୍ରଶଂସକମାନଙ୍କୁ ଆପ୍ୟାୟିତ କରିବାର ପ୍ରୟାସ ଜାରି ରଖିଛନ୍ତି । ଗତବର୍ଷ ତାଙ୍କ ଅଭିନୀତ ୱେବ୍ ଧାରାବାହିକ 'ରଙ୍ଗ୍ ୱେ' ଆଶାନୁରୂପ ଲୋକପ୍ରିୟ ହୋଇପାରିଥିବା ଜଣାଯାଇଛି ।





# ସାପ ପରି ଦେଖାଯାଉଥିବା ବିରଳ ପ୍ରଜାତିର ବିଲେଇର ଛବି ଭାଇରାଲ

ଦୁନିଆରେ ଏତେ ସଂଖ୍ୟକ ପ୍ରାଣୀ ଅଛନ୍ତି ଯେ, ଯଦି ସେମାନଙ୍କ ଗଣନା କରାଯାଏ, ବୋଧହୁଏ ତାହା ବିର୍ବିବାଦରେ ସଂପୂର୍ଣ୍ଣ ହେବନାହିଁ । ଯଦିଓ ଏହା ଉପରେ ବୈଜ୍ଞାନିକମାନେ ଅନୁସନ୍ଧାନ ଜାରିରହିଛି, କିନ୍ତୁ ଏଭଳି ବହୁ ଜୀବଜନ୍ତୁ ଅଛନ୍ତି, ଯାହାଙ୍କ ବିଷୟରେ ଏବେ ବି ସବିଶେଷ ସୂଚନା ମିଳେନାହିଁ । ନିକଟରେ ସୋସିଆଲ ମିଡିଆରେ ଏଭଳି ଏକ ପ୍ରାଣୀର ଫଟୋ ଭାଇରାଲ୍ ହେବାରେ ଲାଗିଛି । ହଳଦିଆ ଏବଂ କଳା ପଟାଦାଗ ଥିବା ଏକ ଅଦ୍ଭୁତ ବିଲେଇର ଫଟୋ ସଂପ୍ରତି ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଛି । ଏହି ବିଲେଇ ପ୍ରଜାତିର ନାମ ଆମାଜନ୍ ସ୍ନେକ କ୍ୟାଟ ବୋଲି କୁହାଯାଉଛି, ଯାହାର ବୈଜ୍ଞାନିକ ନାମ ସର୍ପେନ୍ସ କ୍ୟାଟସ୍ ରହିଛି । ଭାଇରାଲ ଫଟୋରେ ଥିବା ସୂଚନାରେ କୁହାଯାଉଛି ଯେ, ଏହି ବିରଳ ପ୍ରଜାତିର ବିଲେଇର ସାପର ପ୍ରଜାତି ସହ ସାମଞ୍ଜସ୍ୟ ଥିବା ଜଣାପଡୁଛି ଏବଂ ଏହାର ଚର୍ମ ସାପ ପରି ଦେଖାଯାଉଛି । ଟ୍ୱିଟରରେ ଜେଫ୍ କମେରା ନାମକ ଏକ ଜଣେ ବ୍ୟକ୍ତି ବିଲେଇର ଫଟୋ ସେୟାର କରାଯାଇଛି । କ୍ୟାପ୍ସନରେ ଲେଖାଯାଇଛି ଯେ, "ସର୍ପେନ୍ସ କ୍ୟାଟସ୍ ହେଉଛି ପୃଥିବୀର ବିରଳ ପ୍ରଜାତି । ଏମାନେ ଆମାଜନ ରେନଫରେଷ୍ଟର ଆଭ୍ୟନ୍ତରୀଣ ଅଂଚଳରେ ରହିଥାନ୍ତି ବୋଲି ଏମାନଙ୍କ ଉପରେ ଗବେଷଣା କରିବା କମିଯାଉଛି । ୨୦୨୦ରେ ଏହି ବିରଳ ବିଲେଇର ଫଟୋ ନିଆଯାଇଥିଲା, ଏହାର ଓଜନ ୨୫ କିଲୋଗ୍ରାମ ଥିଲା । ବିଶେଷଜ୍ଞଙ୍କ କହିବାନୁସାରେ, ବିଲେଇର ଶରୀରର ରଙ୍ଗ ଓ ଶୈଳୀ "ଗୋଲଡ ରିଙ୍ଗ କ୍ୟାଟ ସ୍ନେକ" ସହ ପାଖାପାଖି ସମାନ ଦେଖାଯାଏ । କିନ୍ତୁ ଯେଉଁ ସାପଟି ଏହି ବିଲେଇ ସହିତ ସମାନ, ସେହି ଅ*ଳରେ ବାସ କରେ ଯେଉଁଠାରେ ଏହି ବିଲେଇ ଅଛନ୍ତି । ଏହି ଭାଇରାଲ୍ ଫଟୋ ଉପରେ ଲୋକମାନେ କହୁଛନ୍ତି ଯେ, ଏହି ଫଟୋ ନକଲି ଏବଂ 'ଫୋଟୋସପ୍'ରେ ଏହା ତିଆରି କରାଯାଇଛି ।

# ନଦୀ ମଝିରେ ରାଜପଥ !

କୌଣସି ସଡ଼କ ବା ରାଜପଥ ନିର୍ମାଣ ବେଳେ ମଝିରେ ନଦୀନାଳ ପଡ଼ିଲେ, ଏପାରିରୁ ସେପାରିକୁ ଅତିକ୍ରମ କରିବା ଲାଗି ପୋଲ ନିର୍ମାଣ କରାଯାଇଥାଏ । ମାତ୍ର ଚୀନ୍‌ର ହୁବେଇ ପ୍ରଦେଶରେ ଏକ ନଦୀ ଗର୍ଭରେ ସମାନ୍ତରାଳ ଭାବେ ଏକ ରାଜପଥ ନିର୍ମିତ ହୋଇଛି । ବିଶେଷ କରି ନିର୍ମାଣ ପ୍ରକଳ୍ପରେ ଅଦ୍ଭୁତ କାରନାମା ଦେଖାଇବାରେ ପ୍ରବୀଣ ଚୀନୀ ଯନ୍ତ୍ରୀମାନେ ଝିଆଂକ୍ସି ନଦୀରେ ଏପରି ଏକ ସୁଦୃଶ୍ୟ ରାଜପଥ ନିର୍ମାଣ କରିଛନ୍ତି । ଚୀନ୍‌ର ଦକ୍ଷିଣପଶ୍ଚିମ ଦିଗରେ ସାଂଘାଇକୁ ଯାଇଥିବା ମୁଖ୍ୟ ରାଜପଥରେ ଗୁଫୁଜେନ୍ ଓ ଚେଙ୍ଗଡୁ ସହରକୁ ଯୋଗ କରୁଥିବା ଏହି ୪.୪ କି.ମି.ର ଝୁଲା ରାଜପଥ ପର୍ଯ୍ୟଟକମାନଙ୍କ ପାଇଁ ଅନ୍ୟତମ ଆକର୍ଷଣର କେନ୍ଦ୍ର ପାଲଟିଛି । ତେବେ ଆଗରୁ ନଦୀ କୂଳେ କୂଳେ ବିକଳ୍ପ ରାସ୍ତା ରହିଥିବା ସତ୍ତ୍ୱେ ନଦୀ ଗର୍ଭରେ ଉକ୍ତ ରାଜପଥ ନିର୍ମାଣ କରାଯିବା ପଛରେ ଏକ ଭିନ୍ନ କାରଣ ରହିଛି । ରାସ୍ତାରେ ଗହଳି କମାଇବା ପାଇଁ ପାହାଡ଼ ଅ*ଳ ବାଟେ ସଂଖ୍ୟାଧିକ ସୁଡ଼ଙ୍ଗ ଖୋଳିବା ଓ ପାହାଡ଼ କାଟିବା ଅପେକ୍ଷା ନଦୀ ଭିତରେ ଏପରି ପୋଲ ରାସ୍ତା ଗଢ଼ିବାରେ ଅପେକ୍ଷାକୃତ କମ୍ ଖର୍ଚ୍ଚ ବୋଲି ଚୀନୀ ଯନ୍ତ୍ରୀମାନେ ଆକଳନ କରିଥିଲେ । ଆଠ ବର୍ଷ ତଳେ ୪୪୦ ନିୟୁତ ୟାନ୍ ବା ୭୧ ନିୟୁତ ଡଲାର ଖର୍ଚ୍ଚରେ ନିର୍ମିତ ଏହି ନଦୀ ରାଜପଥ ଦ୍ୱାରା କେତେକ ଅଂଚଳର ଯାତାୟାତ ସମୟ ଯଥେଷ୍ଟ କମିଯାଇଛି । ଯାତ୍ରୀମାନେ ମଧ୍ୟ ବିକଳ୍ପ ରାସ୍ତାରେ ନଯାଇ ପାହାଡ଼ ପର୍ବତଘେରା ନଦୀ ଗର୍ଭରେ ଯାତ୍ରା କରିବାର ନିଆରା ଅନୁଭୂତି ଲାଭ କରୁଛନ୍ତି ।





# ୧୦ମାସର ସନ୍ତାନକୁ ଛାଡ଼ି ଦେଶ ସେବାରେ ମହିଳା ସୈନିକ

ମା' ନିଜ ଜୀବନ ଠାରୁ ବି ଅଧିକା ତାର ସନ୍ତାନକୁ ଭଲ ପାଇଥାଏ । ସନ୍ତାନକୁ ଯେମିତି କେ?ଣସି ବଧାବିଘ୍ନ ନଆସିବ ସେଥିପାଇଁ ସର୍ବଦା ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥାଏ । ମା' ଓ ସନ୍ତାନକୁ ନେଇ ସୋସିଆଲ ମିଡିଆରେ ଅନେକ ପ୍ରକାର ଭିଡିଓ ପୋଷ୍ଟ ହୋଇଥାଏ । ନିକଟରେ ଏମିତି ଏକ ମା' ଓ ସନ୍ତାନର ଭାବବିହ୍ୱଳ ଭିଡିଓ ପୋଷ୍ଟ ହୋଇଛି । ଏଥିରେ ଦେଖିବାକୁ ମିଳୁଛି ଜଣେ ମା' ତାଙ୍କର ୧୦ମାସର ଝିଅକୁ ଛାଡ଼ି ଟ୍ରେନ ଜରିଆରେ ନିଜ ଡିୟୁଟିକୁ ଫେରି ଯାଉଛନ୍ତି । ଝିଅକୁ ଛାଡ଼ି ଗଲା ବେଳେ ମା'ର ହୃଦୟ ଫାଟି ପଡୁଛି । ସେ ଷ୍ଟେସନରେ ଝିଅକୁ ଧରି ଭୋଭୋ ହୋଇ କାନ୍ଦୁଛନ୍ତି । ଆଉ ନିଜ ସ୍ୱାମୀଙ୍କୁ ଆଲିଙ୍ଗନ କରି ବି କାନ୍ଦୁଛନ୍ତି । ଏହି ଭିଡିଓଟିରେ ଥିବା ଦୃଶ୍ୟ ଅତ୍ୟନ୍ତ ଭାବବିହ୍ୱଳ । ଜଣେ ମା' ଦେଶର ସେବା ପାଇଁ ନିଜର ମମତାକୁ ତ୍ୟାଗ କରି କର୍ମପଥରେ ଆଗେଇ ଯାଉଥିବା କୁହାଯାଉଛି । ଏହି ଭିଡିଓକୁ ଅସୁବାଷବାଜେପେୟୀ୧୮ ନାମକ ପେଜରୁ ସେୟାର କରାଯାଇଛି । ଭିଡିଓଟିକୁ ଏକ ଲକ୍ଷ ୪୦ହଜାରରୁ ଅଧିକ ଲୋକ ଦେଖି ସାରିଲେଣି । ଏହି ଭିଡିଓ ସହିତ ସୁବାଷ ଏକ କ୍ୟାପସନ ଲେଖିଛନ୍ତି । କ୍ୟାପସନରେ ସେ ଲେଖିଛନ୍ତି, 'ଯେତେବେଳେ ଦେଶ ପାଇଁ ଥିବା କର୍ତବ୍ୟ ଆଗରେ ଘର ପ୍ରତି ଥିବା କର୍ତବ୍ୟ ହାରି ଯାଇଥାଏ । ସୋସିଆଲ ମିଡିଆରୁ ମିଳିଥିବା ସୂଚନା ଅନୁସାରେ, ମହିଳା ସୈନିକଙ୍କ ନାମ ବର୍ଷଣି ପାଟିଲ ରହିଛି । ସେ ତାଙ୍କ ଡିୟୁଟିକୁ ଫେରି ଯାଉଛନ୍ତି । ଏହି ସମୟରେ ଘରେ ସେ ତାଙ୍କ ୧୦ମାସର ଛୁଆ, ସ୍ୱାମୀ ଓ ପରିବାରଲୋକଙ୍କୁ ଛାଡ଼ି ଯାଉଛନ୍ତି ।

# ଅଗଷ୍ଟରେ ରିଲିଜ୍ ହେବ 'ଗଦ୍ଦର ୨'

ବହୁ ପ୍ରତୀକ୍ଷିତ ଅପକମିଂ ଫିଲ୍ମ 'ଗଦର ୨' । ଏଥିରେ ବଲିଉଡର ଦମ୍‌ଦାର ଅଭିନେତା ସନ୍ନି ଦେଓଲ ଲିଡ୍‌ରେ ଅଛନ୍ତି । ନିକଟରେ ସୋସିଆଲ ମିଡିଆରେ ଫିଲ୍ମର ସୁଟିଂ ସେଟର ଏକ ଭିଡିଓ ମଧ୍ୟ ଲିକ୍ ହୋଇଥିଲା । ଯେଉଁଥିରେ ସନ୍ନି ଦେଓଲଙ୍କ ଆକ୍ସନ୍ ଅବତାର ଦେଖିବାକୁ ମିଳିଥିଲା । ସନ୍ନି ଦେଓଲଙ୍କ ଏହି ଫିଲ୍ମ ରିଲିଜ୍ ତାରିଖ ସାମ୍ନାକୁ ଆସିଥିଲା । ବର୍ତମାନ ପ୍ରଶଂସକମାନେ ଏହାକୁ ଅପେକ୍ଷା କରି ରହିଛନ୍ତି । ଏହି ଚଳଚ୍ଚିତ୍ରରେ ଉତ୍କଳ ଶର୍ମା ଏବଂ ସିମରତ କୌର ମଧ୍ୟ ସନ୍ନି ଏବଂ ଆମେଶାଙ୍କ ସହ ନଜର ଆସିବେ । ଫିଲ୍ମର ସୁଟିଂ ବର୍ତମାନ ଶେଷ ହୋଇଛି । ୧୧ ଅଗଷ୍ଟ ୨୦୨୩ରେ 'ଗଦର -୨' ପ୍ରେକ୍ଷାଳୟକୁ ଆସିବ । ଏହି ଚଳଚ୍ଚିତ୍ର ପ୍ରଥମ ଭାଗ ଶେଷ ହୋଇଥିବା ସ୍ଥାନରୁ କାହାଣୀକୁ ଆଗକୁ ବଢିବ । ମୁଖ୍ୟ ଭୂମିକାରେ ସନ୍ନି ଦେଓଲ ଏବଂ ଅମିଶା ପଟେଲଙ୍କ ଅଭିନୀତ ଏହି ଚଳଚ୍ଚିତ୍ରଟି ୨୦୦୧ ବ୍ଲକବଷ୍ଟର ଚଳଚ୍ଚିତ୍ର 'ଗଦର'ର ଏକ ସିକ୍ୱେଲ ଅଟେ । ଟ୍ରକ୍ ଡ୍ରାଇଭରର ତାରା ସିଂ ଏହି ଚଳଚ୍ଚିତ୍ରରେ ତାର ପାକିସ୍ତାନୀ ପତ୍ନୀଙ୍କୁ ଫେରାଇ ଆଣିବା ପାଇଁ ସଂଘର୍ଷ କରିଥିଲା । 'ଗଦର ୨'ରେ ପାକିସ୍ତାନୀ ମେଜର ମଲିକଙ୍କ ଭୂମିକାରେ ଅଭିନୟ କରୁଥିବା ଅଭିନେତା ରୋହିତ ଚୌଧୁରୀ ନିଜ ଟ୍ୱିଟରରେ ସୁଟିଂ ଶେଷ ହୋଇଥିବା ଫଟୋ ସେୟାର କରିଛନ୍ତି । ସେ ଟୁଇଟ୍ କରି କହିଛନ୍ତି, 'ଗଦର ୨ ଫିଲ୍ମର ସୁଟିଂ ଶେଷ ହୋଇଛି । ଏହାର ଏକ ଅଂଶ ହେବା ଅତ୍ୟନ୍ତ ସ୍ୱତନ୍ତ୍ର ବୋଲି ସେ କହିଛନ୍ତି । ୧୧.୦୮.୨୦୨୩ ପାଇଁ ଅପେକ୍ଷା କରିପାରିବି ନାହିଁ, ବର୍ତମାନ ସମସ୍ତ ପ୍ରସ୍ତୁତ । ଫିଲ୍ମ ବିଷୟରେ କଥାବାର୍ତା କରି ରୋହିତ କହିଛନ୍ତି, 'ଗଦର ୨' ଯେଉଁଠାରୁ 'ଗଦର'ର କାହାଣୀ ଶେଷ ହୋଇଥିଲା, ସେହିଠାରୁ ଆରମ୍ଭ ହୁଏ । ସେ ଆହୁରି ମଧ୍ୟ କହିଛନ୍ତି ଯେ 'ଗଦର' ଲେଖିଥିବା କାହାଣୀର ଲେଖକ ଶକ୍ତିମାନ ତଲୱାର । ସୁଟିଂ ଶେଷ କରିବା ପରେ ଫିଲ୍ମଟି ବର୍ତମାନ ପ୍ରଡକ୍ସନ୍ ରେ ପ୍ରବେଶ କରିଛି ।

# ଏପ୍ରିଲରେ ବିଜୟଙ୍କୁ ବିବାହ କରିବେ ତମନ୍ନା !

କିଛି ଦିନ ତଳେ ବଲିଉଡ ଅଭିନେତା ବିଜୟ ବର୍ମା ଓ ଅଭିନେତ୍ରୀ ତମନ୍ନା ଭାଟିଆ ପରସ୍ପରକୁ ଡେଟ୍ କରୁଥିବା ନେଇ ଚର୍ଚ୍ଚା ହୋଇଥିଲା । ଗୋଆରେ ପରସ୍ପରକୁ ଚୁମ୍ବନ ଦେଉଥିବାର ଭିଡିଓ ଭାଇରାଲ ହେବା ପରେ ଏହି ଚର୍ଚ୍ଚା ଜୋର ଧରିଥିଲା । ଏହା ସହ ଗୋଆରୁ ଫେରିବା ପରେ ବିମାନବନ୍ଦରରେ ଦୁହେଁ ଏକା ସାଙ୍ଗରେ ନଜର ଆସିଥିଲେ । ଅଭିନେତା ବିଜୟ ବର୍ମା ଗତବର୍ଷ ଡିସେମ୍ବର ୨୧ରେ ତମନ୍ନାଙ୍କ ଜନ୍ମଦିନରେ ତାଙ୍କ ଘରକୁ ଯାଇଥିବା ଦେଖାଯାଇଥିଲା । ପୂର୍ବରୁ ପ୍ରେମ ସମ୍ପର୍କକୁ ନେଇ ଦୁହେଁ ଖୁଲମ ଖୁଲା ସ୍ୱୀକାର କରିନଥିବା ବେଳେ ଚଳିତ ବର୍ଷ ଭାଲେଂଟାଇନ ଡେ'ରେ ବିଜୟ ରଖିଥିବା ଇନଷ୍ଟା ଷ୍ଟାଟସ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା ସ୍ପଷ୍ଟ କରିଥିଲା । ଏବେ ଚର୍ଚ୍ଚା ହେଉଛି ଯେ ଦୁହେଁ ଚଳିତ ବର୍ଷ ଏପ୍ରିଲରେ ବିବାହ କରିବାକୁ ଯୋଜନା କରୁଛନ୍ତି । କିଛି ବର୍ଷ ପ୍ରେମ ସମ୍ପର୍କରେ ରହିବା ପରେ ଦୁହେଁ ବିବାହ କରିବାକୁ ନିଷ୍ପତି ନେଇଥିବା କୁହାଯାଉଛି । ତେବେ କିଛି ଦିନ ତଳେ ଏକ ସାକ୍ଷାତକାରରେ ବିଜୟଙ୍କ ସହ ତାଙ୍କ ସମ୍ପର୍କକୁ ନେଇ ହେଉଥିବା ଚର୍ଚ୍ଚା ଉପରେ ତମନ୍ନା କହିଥିଲେ, ମୁଁ ଏବଂ ବିଜୟ ସାଙ୍ଗ ହୋଇ ଗୋଟିଏ ଫିଲ୍ମ କରିଛୁ । ଡେଟିଂର ଚର୍ଚ୍ଚା ତ ଏମିତି ଚାଲେ । ମୁଁ ଏସବୁକୁ ନେଇ କୌଣସି ସ୍ପଷ୍ଟୀକରଣ ଦେବାକୁ ଚାହେଁ ନାହିଁ । ତାଙ୍କର ଏଭଳି ପ୍ରତିକ୍ରିୟା ପରେ ବି ଏବେ ଦୁହିଁଙ୍କ ବିବାହ ଏପ୍ରିଲରେ ହେବ ବୋଲି କୁହାଯାଉଛି । ଏହି ଚର୍ଚ୍ଚା ଉପରେ ଏପର୍ଯ୍ୟନ୍ତ ଦୁହିଁଙ୍କ ପ୍ରତିକ୍ରିୟା ଆସିନାହିଁ ।



# ସାପ କାମୁଡ଼ା ରେ ଦଶ ବର୍ଷ ବାଳକ ର ମୃତ୍ୟୁ

ବାଲିଗୁଡା , ୨୮/୪ (ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ସିନ୍ଦ୍ରିଗାଁ ପଞ୍ଚାୟତ ଡେଙ୍ଗାରଗାଁରେ ଘଟିଛି ଏକ ଅଘଟଣ । ବିଲ ହୁଡ଼ା ନିକଟରେ ଛୋଟ ପିଲାମାନେ ଖେଳୁଥିବା ସମୟ ରେ ହୁଡ଼ାରେ ଥିବା ଗର୍ତ୍ତରୁ ଏକ ବିଷଧର ସାପ ବାହାରି ଦଶ ବର୍ଷର ଛୋଟ ପିଲାଟି କୁ ଦଂଶନ କରିଥିଲା । ଚାହୁଁ ଚାହୁଁ ପିଲାଟି ତଳେ ପଡ଼ିଥିଲା ଓ ସଙ୍ଗେ ସଙ୍ଗେ କୁନି ପିଲାଟର ବାପା ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଥିଲା । ଡାକ୍ତର କୁନି ପିଲାକୁ ମୃତ ଘୋଷଣା କରିଥିବା ସୂଚନା ମିଳିଛି। ଡାକ୍ତରଙ୍କ ଠାରୁ ଖବର ପାଇ ବାଲିଗୁଡ଼ା ଥାନା ପୁଲିସ ମେଡିକାଲକୁ ପହଞ୍ଚି ମୃତ ଶରୀର ଜବତ କରି ୧୨/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଅଧିକାରୀ ଭୋଳାନାଥ ପଣ୍ଡା ଶବ ବ୍ୟବଛେଦ ନିମନ୍ତେ ନିର୍ଦ୍ଦେଶ ଦେବା ସହିତ କିଭଳି ପରିସ୍ଥିତିରେ ଏଭଳି ଅଭାବନୀୟ ଘଟଣା ଘଟିଛି ସେ ନେଇ ତଦନ୍ତ କରୁଥିବା ଜଣାପଡିଛି। ମୃତ ଶିଶୁଟିର ନାମ ରାଜୁ ମଲିକ ବୟସ ୧୦ ବର୍ଷ ପିତାଙ୍କ ନାମ ଜରଲା ମଲିକ ବୋଲି ଜଣାପଡିଛି । ପୂର୍ବତନ ବିଧାୟକ କରେନ୍ଦ୍ର ମାଝି ଘଟଣା ରେ ଦୁଃଖ ପ୍ରକାଶ କରିବା ସହ ପରିବାରକୁ କିଭଳି ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ନିର୍ଦ୍ଧାରିତ ଅର୍ଥ ୫ ଲକ୍ଷ ଟଙ୍କା କ୍ଷତି ପୂରଣ ମିଳିବ ସେ ନେଇ ଜିଲ୍ଲାପାଳ ଙ୍କ ସହ କଥା ହେବେ ବୋଲି କହିଛନ୍ତି ।

# ଗଜପତି ମହାରାଜା କୃଷ୍ଣଚନ୍ଦ୍ର ଦେବଙ୍କ ୧୩୪ ତମ ଜୟନ୍ତୀ ପାଳନ



ବେଲଗୁଣ୍ଠା ୨୮/୪ (ନି.ପ୍ର): ବେଲଗୁଣ୍ଠା ବ୍ଲକ୍ ତନରଡା ସ୍ଥିତ ଉତ୍କଳ କଲ୍ୟାଣ ସାହିତ୍ୟ ସଂସ୍କୃତି ସଂସଦ ଆନୁକୂଲ୍ୟରେ ସାଇ ଗୁରୁକୂଳ ଆବାସିକ ବିଦ୍ୟାଳୟ ପରିସରରେ ଉତ୍କଳର ନିର୍ମାତା ଗଜପତି ମହାରାଜା କୃଷ୍ଣଚନ୍ଦ୍ର ଦେବଙ୍କ ୧୩୪ ତମ ଜୟନ୍ତୀ ପାଳନ ହୋଇଯାଇଛି ଓ ଅନୁଷ୍ଠାନର ସଭାପତି ତଥା ଆଇନଜୀବୀ ଦିଲ୍ଲୀପ୍ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ପୂର୍ବତନ ଅଧକ୍ଷ ଡ଼.ସନ୍ତୋଷ କୁମାର ଆପଟ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ରୂପେ ବିଶିଷ୍ଟ କବି ପ୍ରଶାନ୍ତ ମହାନ୍ତି ଯୋଗଦେଇଥିଲେ ଓ ସେହିପରି ସମ୍ମାନୀତ ଅତିଥି ରୂପେ ଭଞ୍ଜନଗର ଆଇନୀଜୀବୀ ସଂଘ ଉପସଭାପତି ସନ୍ତୋଷ କୁମାର ବେହେରା, ସାଇ ଗୁରୁକୂଳ ସମ୍ପାଦକ ଅଜିତ୍ କୁମାର ଶତପଥି, ବରିଷ୍ଠ ଆଇନୀଜୀବୀ ସନ୍ତୋଷ କୁମାର ନାୟକ,ସମାଜସେବୀ ଶୂଳପାଣି ଶତପଥି ଏବଂ ଉପଖଣ୍ଡ ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥି ମଞ୍ଚାସୀନ ଥିଲେ ଓ ଏହି ଅବସରରେ ମଞ୍ଚାସୀନ ଅତିଥି ମାନେ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ସ୍ମୃତି ଚାରଣ କରିବା ସହିତ ଉତ୍କଳ ପ୍ରଦେଶ ଗଠନରେ ତାଙ୍କର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ।

# ସତ୍ୟସାଇ ସେବା ସଂଗଠନ ପକ୍ଷରୁ ମଣ୍ଡଳ ସ୍ତରୀୟ ସାଧନା ଶିବିର ଆୟୋଜିତ




ବାଲିଗୁଡା ୨୮/୪ (ନି.ପ୍ର): ସତ୍ୟସାଇ ସେବା ସଂଗଠନ ଓଡିଶା କନ୍ଧମାଳ ଜିଲ୍ଲା ଶାଖା ତରଫରୁ ସ୍ଥାନୀୟ ଗାୟତ୍ରୀ ଶକ୍ତିପୀଠ କଲ୍ୟାଣ ମଣ୍ଡପ ପରିସରରେ ଜିଲ୍ଲା ସଭାପତି ମଧୁସୂଦନ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମଣ୍ଡଳ ସ୍ତରୀୟ ସାଧନା ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ବୌଦ୍ଧ, କଳାହାଣ୍ଡି, ଗଞ୍ଜାମ (୨) ଏବଂ କନ୍ଧମାଳ ଜିଲ୍ଲାର ୧୨୦ ରୁ ଉର୍ଦ୍ଧ୍ୱ ସାଇପ୍ରେମୀ ଅଂଶ ଗ୍ରହଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ରବିବାର ସକାଳ ୫ ଘଣ୍ଟା ଠାରୁ ଆରମ୍ଭ ହୋଇ ଅପରାହ୍ନ ୩ ଟା ପର୍ଯ୍ୟନ୍ତ ଚାଲିଥିଲା । ପ୍ରତ୍ୟୁଷ ରେ ଓମ୍ କାରମ୍, ସୁପ୍ରଭାତମ୍, ଜ୍ୟୋତିଧ୍ୟାନ ରୁ ଆରମ୍ଭ ହୋଇ ସେବା କାର୍ଯ୍ୟ, ଷୋଡଶ ଉପଚାର ପୂଜା, ପ୍ରଶାନ୍ତି ପତାକା ଉତ୍ତୋଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା କ୍ଷ ଏହି ପରିପ୍ରେକ୍ଷୀରେ ଏକ ସୁସଜ୍ଜିତ ପାଲିଙ୍କିରେ ସତ୍ୟସାଇଙ୍କର ଫୋଟ ଚିତ୍ର କୁ ନେଇ ଗାୟତ୍ରୀ ମନ୍ଦିର ଠାରୁ ବାହାରି ନୂଆସାହି, ଚର୍ଚ୍ଚ ଦେଇ ସମଗ୍ର ସହର ପରିକ୍ରମା କରି ଶତାଧିକ ଭକ୍ତଙ୍କ ସମାବେଶ ରେ ପ୍ରତ୍ୟାବର୍ତନ କରିଥିଲା। ସକାଳ ୯ ଟା ରେ ଜ୍ୟୋତି ଆବାହନ ବେଦପାଠ, କୃତଜ୍ଞତାର କାର୍ଡ ସମର୍ପଣ, ସହନା ଓ୍ୱତୁ ଆବୃତ୍ତି କରାଯାଇଥିଲା। ଉକ୍ତ ଶିବିରରେ ପ୍ରମୁଖ ବିଷୟ : ଜପ ଧ୍ୟାନ ବିନା ସଂଯୋଗ ନେହିଁ, ନିତ୍ୟ ପ୍ରାର୍ଥନା, ନିତ୍ୟ ବେଦମନ୍ତ୍ରମ୍, ଗାୟତ୍ରୀ ମନ୍ତ୍ର, ବ୍ରହ୍ମାର୍ପଣମ୍ ?, ସାଇ ସାହିତ୍ୟ ପଠନ, ଲିଖିତ ଜପ, "ଜଗମେ ସର୍ବମ୍ ବ୍ରହ୍ମ ମୟମ୍' ,ସେବା ସନ୍ନିଧି,ସତସଙ୍ଗତ୍ୱେ, ଜୀବନମୁକ୍ତି,ସମିତି, ସହମତି, ଶତବାର୍ଷିକୀ ସମାରୋହ, ବ୍ୟକ୍ତିଗତ, ପାରିବାରିକ ଓ ସାଙ୍ଗଠନିକ ସାଧନା ପ୍ରୟାସ ଇତ୍ୟାଦି ସମ୍ପର୍କରେ ସତ୍ୟସାଇ ସେବା ସଙ୍ଗଠନ ର ଉପସଭାପତି ପ୍ରତାପ ଚନ୍ଦ୍ର ମହାନ୍ତି ଓ ରାଜ୍ୟସ୍ତରୀୟ ପ୍ରତିନିଧି ମନୋରଞ୍ଜନ କର, ବିମଳ ପ୍ରସାଦ କର ଓ ସରୋଜ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବାଲିଗୁଡା ସମିତିର ଆବାହକ ପ୍ରଦୀପ କୁମାର ବକ୍ସି ଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇ ମଙ୍ଗଳ ଆରତୀ, ପ୍ରସାଦ ସେବନ ସହିତ ଶିବିରର ସମସ୍ତ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା।

## କାନ୍ଥ ଭୁଷୁଡି ବୃଦ୍ଧା ମୃତ

ତେନ୍ତୁଳିଖୁଣ୍ଟି ୨୮/୪ (ନି.ପ୍ର): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ଥାନା ଅନ୍ତର୍ଗତ ଦିଗି ସଲପା ପଞ୍ଚାୟତ ଦିଗିସଲପା ଗ୍ରାମ ନିବାସୀ ଯମୁନା ବିଷୋୟୀ (୬୬) ଆଜି ନିଜ ଘରେ କାନ୍ଥ ଭୁଷୁଡି ପଡିଯିବାରୁ ମୃତ୍ୟୁ ହୋଇଛି। ସେ ରହୁଥିବା ଘର ବହୁ ପୁରୁଣା ଇନ୍ଦିରା ଆବାସ ଘର ,ଉକ୍ତ ଘରେ ସେ ଏକାକୀ ରହି ଆସୁଥିବା ଜଣାପଡିଛି। ଆଜି ସକାଳେ ୯ଟା ବେଳେ ଘର କାନ୍ଥ ଭୁଷୁଡିଯିବାରୁ ତାଙ୍କର ପରଲୋକ ଘଟିଛି। ସକାଳେ ଘର କାନ୍ଥ ପାର୍ଶ୍ୱରେ ଯମୁନା କାମ କରୁଥିବା ସମୟରେ କାନ୍ଥଟି ଉପରେ ପଡିଯାଇଥିଲା ଓ ତାଙ୍କର ହଠାତ୍ ମୃତ୍ୟୁ ହୋଇଥିବା ସୂଚନା ମିଳିଥିଲା। ତାଙ୍କ ଶରୀରକୁ ଶବ ବ୍ୟବଛେଦ ପାଇଁ ନବରଙ୍ଗପୁର ଜିଲ୍ଲା ଡାକ୍ତରଖାନାକୁ ପଠାଯାଇଛି। ତେନ୍ତୁଳିଖୁଣ୍ଟି ପୋଲିସ ଏହାକୁ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପରିବାରକୁ ଶବ ହସ୍ତାନ୍ତର କରିଛି। ଏହି ଖବର ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଖିରେଇଟାଙ୍ଗିରୀ ରେ ମନ କୀ ବାତ

ପାଟଣା ୨୮/୪ (ନି.ପ୍ର): ପାଟଣା ବ୍ଲକ ଖିରେଇଟାଙ୍ଗିରୀ ହାଟ ପଡିଆ ଠାରେ ମଣ୍ଡଳ ବିଜେପି ପକ୍ଷରୁ ସଭାପତି ମନୋଜ ମହାନ୍ତ ଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀଙ୍କ ମନକୀ ବାତ କାର୍ଯ୍ୟକ୍ରମ ପ୍ରସାରଣ କରଯାଇଥିଲା । ଏଥିରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ବିଜେପି କୃଷକ ମୋର୍ଚ୍ଚ ରାଜ୍ୟ ଉପସଭାପତି ରାଧାକାନ୍ତ ମହାନ୍ତ, ବିଧାୟକ ପ୍ରତିନିଧି କମଳାକାନ୍ତ ଦାଶ ପ୍ରମୁଖ ଅନ୍ୟ ମାନେ ଉପସ୍ଥିତ ଥିଲେ ।ମନକୀ ବାତ ରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ପହଲଗାଁଓ ରେ ଆତଙ୍କବାଦୀ ଙ୍କ ବର୍ବରତା ର ସୂଚନା ଦେବା ସହ ସହ ଦୋଷୀ ଙ୍କୁ ଉପଯୁକ୍ତ ଜବାବ ଦେଇ ୧୪୦ କୋଟି ଦେଶବାସୀ ଙ୍କ ଭାବନାର ସମ୍ମାନ ରଖାଯିବ ବୋଲି କହିଥିଲେ ।

# ସାଂସଦଙ୍କ ଆଦର୍ଶ ଗ୍ରାମ ସମନ୍ୱୟ ବୈଠକ

ପାଟଣା ୨୮/୪ (ନି.ପ୍ର): କେନ୍ଦୁଝର ସାଂସଦ ଅନନ୍ତ ନାୟକଙ୍କ ଦ୍ୱାରା ପାଟଣା ବ୍ଲକ ଅନ୍ତର୍ଗତ ଖିରେଇଟାଙ୍ଗିରୀ ଗ୍ରାମକୁ ଆଦର୍ଶ ଗ୍ରାମ ଘୋଷଣା କରାଯାଇଛି । ତେବେ ଆଦର୍ଶ ଗ୍ରାମ ଯୋଜନା ରେ ଏହି ଗ୍ରାମର ଯାହାକିଛି ଆବଶ୍ୟକତା ଅଛି ଓ ଭିତ୍ତିଭୂମି ଠାରୁ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ଆଦି କ୍ଷେତ୍ରରେ ଗ୍ରାମର ଗାରିମା ସୃଷ୍ଟି ଲକ୍ଷ୍ୟ ନେଇ ଆଜି ସାଂସଦ ଶ୍ରୀ ନାୟକ ଖିରେଇଟାଙ୍ଗିରୀ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହ ରେ ଏକ ସମନ୍ୱୟ ବୈଠକ କରିଛନ୍ତି । ବୈଠକ ରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ , ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ କୁମାର ନାଗ ଭୂଷଣ , ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟ, ସ୍ଥାନୀୟ ବାସିନ୍ଦା ତଥା ପୂର୍ବତନ ଜିଲ୍ଲା ବିଜେପି ସଭାପତି ରାଧାକାନ୍ତ ମହାନ୍ତ, ଜିଲ୍ଲା ପରିଷଦ ସଦସ୍ୟ ପ୍ରଫୁଲ୍ଲ କୁମାର ନାଏକ,ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ର ଅଧକ୍ଷ ଡକ୍ଟର ଶୁଭେନ୍ଦୁ ସାଗର କୁମାର ନାଏକ, ବ୍ଲକ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ , ସ୍ଥାନୀୟ ପଞ୍ଚାୟତ ପ୍ରତିନିଧି ଙ୍କ ସହ ବିଭିନ୍ନ ଲାଇନ ବିଭାଗ ଅଧିକାରୀ ମାନେ ବୈଠକ ରେ ଉପସ୍ଥିତ ଥିଲେ । ପ୍ରତିକ୍ଷେତ୍ରରେ ଆଦର୍ଶ ଗ୍ରାମ ଯୋଜନା ର ସଫଳତା ଉପରେ ପରାମର୍ଶ ଓ ଆବଶ୍ୟକତା ଉପରେ ଆଲୋଚନା ହୋଇଥିଲା ।



## ଆଦର୍ଶ ଗ୍ରାମରେ ଗ୍ରାମବାସୀ ଙ୍କ ସହ ସାଂସଦ

ପାଟଣା ୨୮/୪ (ନି.ପ୍ର): ପାଟଣା ବ୍ଲକ ଅନ୍ତର୍ଗତ ଖିରେଇ ଟାଙ୍ଗରୀ ଗ୍ରାମ କୁ କେନ୍ଦୁଝର ସାଂସଦ ଅନନ୍ତ ନାୟକ ସାଂସଦ ଙ୍କ ଆଦର୍ଶ ଗ୍ରାମ ଯୋଜନାରେ ସାମିଲ କରିଥିବା ବେଳେ ଏନେଇ ପ୍ରଶାସନିକ ବୈଠକ ପରେ ଗ୍ରାମବାସୀ ଓ ଲୋକପ୍ରତିନିଧି ଙ୍କ ସହ ଆଲୋଚନା ସଭା କରିଛନ୍ତି ।ଖିରେଇ ଟାଙ୍ଗିରୀ ହାଟପଡ଼ିଆ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ସାଂସଦ ଶ୍ରୀ ନାଏକ ଙ୍କ ସହ ସ୍ଥାନୀୟ ବିଧାୟକ ଅଖିଳ ଚନ୍ଦ୍ର ନାଏକ ବରିଷ୍ଠ ବିଜେପି ନେତା ରାଧାକାନ୍ତ ମହାନ୍ତ,ଜିଲ୍ଲା ପରିଷଦ ସଦସ୍ୟ ପ୍ରଫୁଲ କୁମାର ନାଏକ,ସରପଞ୍ଚ ସଞ୍ଜୁଲତା ନାଏକ, ପୂର୍ବତନ ସରପଞ୍ଚ ବନଜ କୁମାର ନାଏକ, ବିଜେପି ମଣ୍ଡଳ ସଭାପତି ମନୋଜ ମହାନ୍ତ, ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ମହେଶ୍ୱର ନାଏକ, ପ୍ରମୁଖ ୱାର୍ଡ ସଦସ୍ୟ ବୁଦ୍ଧିଜୀବୀ ଓ ଗ୍ରାମବାସୀ ଏଠାରେ ଉପସ୍ଥିତ ଥିଲେ।

## ଉସ୍ତପଲ୍ଲୀରେ ଶ୍ୟାମ ସୁନ୍ଦର ମନ୍ଦିର ପ୍ରତିଷ୍ଠା ଉତ୍ସବ



ବେଲଗୁଣ୍ଠା ୨୮/୪ (ନି.ପ୍ର):ବେଲଗୁଣ୍ଠା ବ୍ଲକ୍ ଇଙ୍ଗିନାଠି ପଂଚାୟତ ଅନ୍ତର୍ଗତ ଉସ୍ତପଲ୍ଲୀ ଗ୍ରାମରେ ଶ୍ୟାମ ସୁନ୍ଦର ମନ୍ଦିର ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି ଓ ଆଠଗଡ଼ ପାଟଣା ମହନ୍ତଙ୍କ ପୌରୋହିତ୍ୟରେ ଆଜି ଅଙ୍କୁରାରୋପଣ,ଶାଳା ପ୍ରତିଷ୍ଠା କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିବା ବେଳେ ଏହି ଅବସରରେ ସୋମବାର ଠାରୁ ଗ୍ରାମରେ ୨୪ ପ୍ରହର ଅଖଣ୍ଡ ନାମଯଜ୍ଞ, ଘୃତ ଯଜ୍ଞ ଏବଂ ଅନ୍ନ ଯଜ୍ଞ ଅନୁଷ୍ଠିତ ହେବାକୁ ଯାଉଛି ଓ ମାଧବରୀଡା ମଠ ମହନ୍ତଙ୍କ ପୌରୋହିତ୍ୟରେ ଏହି ଅଖଣ୍ଡ ନାମଯଜ୍ଞରେ ଉସ୍ତପଲ୍ଲୀ ସମେତ ଜାମ ପଲ୍ଲୀ, ଭୂଷଣ୍ଡପାଳ,ଗୁଡ଼ି ପଲ୍ଲୀ ଏବଂ କଣ୍ଡରସିଂ ଗ୍ରାମର ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିବେ ଓ କାର୍ଯ୍ୟକ୍ରମରେ ସମସ୍ତ ଗ୍ରାମବାସୀ ସହଯୋଗ କରୁଛନ୍ତି ଓ ଆଜି ମନ୍ଦିର ପ୍ରତିଷ୍ଠା ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ବହୁ ଜନ ସମାଗମ ହୋଇଥିବା ବେଳେ ନାମଯଜ୍ଞ ଦେଖିବା ପାଇଁ ମଧ ଅଧିକ ଭିଡ଼ ହେବାର ସମ୍ଭାବନା ରହିଛି ଓ ତେଣୁ ଭିଡ଼କୁ ଦୃଷ୍ଟିରେ ରଖି ଗ୍ରାମାବସୀଙ୍କ ତରଫରୁ ପାନୀୟ ଜଳ, ରାସ୍ତାଘାଟ ସଫେଇ ଏବଂ ଆଲୋକୀକରଣ ଆଦି ବ୍ୟବସ୍ଥା ମଧ କରାଯାଇଛି ।

# ବିଶ୍ୱ ଏକତା ଓ ବିଶ୍ୱାସର ବିକାଶ ପାଇଁ ରାଜଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ




ବାଲିଗୁଡା ୨୮/୪ (ନି.ପ୍ର): କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡ଼ି ସ୍ଥିତ ପ୍ରଜାପତି ବ୍ରହ୍ମକୁମାରୀ ପକ୍ଷରୁ ରବିବାର ବିଶ୍ୱ ଏକତା ଓ ବିଶ୍ୱାସର ବିକାଶ ପାଇଁ ରାଜଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତିଥି ଭାବେ କାକଟପୁରର ରାଜଯୋଗିନୀ ବି.କେ କୁନ୍ତଳା, ନିମାପଡ଼ାର ରାଜଯୋଗିନୀ ବି.କେ ସୁବାସିନୀ ଯୋଗଦେଇ ନିୟମିତ ଧ୍ୟାନ କରିବା ଓ ଯୋଗ କରିବା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ଦିନଚାର୍ଯ୍ୟ ଓ ଈଶ୍ୱର ପ୍ରାପ୍ତି କରିବା ପାଇଁ ମନୁଷ୍ୟର କ'ଣ କରିବା ଆବଶ୍ୟକ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ବନାଞ୍ଚଳ ଅଧିକାରୀ ମାଧବ ଚନ୍ଦ୍ର ବେହେରା, ଓକିଲ ସଂଘର ସଭାପତି ପ୍ରଦୀପ କୁମାର ସାହୁ, ସରପଞ୍ଚ ଚନ୍ଦ୍ରିକା ମଲିକ, ବରିଷ୍ଠ ନାଗରିକ ମଞ୍ଚର ସଭାପତି ରମେଶ ଚନ୍ଦ୍ର ସାହୁ, ବଣିକ ସଂଘ ସଭାପତି ଲଡୁକିଶୋର ସାହୁ ପ୍ରମୁଖ ଯୋଗ ଦେଇ ନିୟମିତ ଧ୍ୟାନ କରିବା ଓ ଯୋଗ କରିବା ଦ୍ୱାରା ଶାନ୍ତ ମସ୍ତିଷ୍କ ରହିବା ସହ ଏହା ସ୍ୱାସ୍ଥ୍ୟପ୍ରତି କିଭଳି ଲାଭଦାୟକ ସେନେଇ ଆଲୋଚନା କରିଥିଲେ। ମୋହନ କୁମାର ସାହୁଙ୍କ ସମେତ ବହୁ ବ୍ରହ୍ମକୁମାରୀ ଓ କୁମାରମାନେ ଯୋଗଦାନ କରିଥିଲେ।

## ଘଟଗାଁ ମାଟିର ଗୌରବ ବଢାଇଲେ ଅନୁପ ନାୟକ

ପାଟଣା ୨୮/୪ (ନି.ପ୍ର):ଘଟଗାଁ ବ୍ଲକ ଅଞ୍ଚଳ ଢେଙ୍କିକୋଟ ନିକଟସ୍ଥ ସାନବରବେଡା ଗ୍ରାମର ବାସିନ୍ଦା ଅନୁପ ନାୟକ ୨୧୨ ରାଙ୍କ ରେ ଆଇ. ଏ. ଏସ ପାଇ ବ୍ଲକ ଅଞ୍ଚଳର ଗୌରବ ବୃଦ୍ଧି କରିଛନ୍ତି । ବଡମସିଣା ବିଲ୍ଲୁ ପଞ୍ଚାୟତ ସାନବରବେଡା ଗ୍ରାମର ବାସିନ୍ଦା ତଥା ବିହାର ରାଜ୍ୟ ଗଙ୍ଗା ବନ୍ୟା ନିୟନ୍ତ୍ରଣ କମିଶନର ଅଧକ୍ଷ ଥିବା ଇଂ ଅମ୍ବରିଶ ନାୟକ ଙ୍କ ବଡପୁଅ ଅନୁପ ଜଣେ ମେଧାବୀ ଛାତ୍ର । ସେ ଭୁବନେଶ୍ୱର ଡି. ଏ. ଭି ରେ ଅଧ୍ୟୟନ କରିବା ସହ କାନପୁର ଆଇ ଆଇ ଟି ରେ ଇଲେକ୍ଟ୍ରିକାଲ ବି ଟେକ କରିଥିଲେ । ଗତବର୍ଷ ସେ ଆଇ. ଏଫ. ଏସ ରେ ମନୋନୀତ ହୋଇଥିବା ବେଳେ ଚଳିତ ବର୍ଷ ୨୧୨ ରାଙ୍କ ରେ ଆଇ ଏ ଏସ ରେ ସଫଳତା ପାଇଥିବାରୁ କେନ୍ଦୁଝର ସାଂସଦ ଅନନ୍ତ ନାୟକ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି । ନାତି ର ସଫଳତା ରେ କେନ୍ଦୁଝର ରେ ରହୁଥିବା ତାଙ୍କର ଜେଜେ ଅବସରପ୍ରାପ୍ତ ଅବକାରୀ ଅଧକ୍ଷ ଧନନ୍ତରି ନାୟକ ଓ ଦମୟନ୍ତୀ ନାୟକ ବେଶ୍ ଖୁସି ଥିବା ଗଣମାଧ୍ୟମ କୁ ସୂଚନା ଦେଇଛନ୍ତି।

## ଯୋଗ ପ୍ରଶିକ୍ଷକ ସନାତନ ମହାକୁଡ଼ ପୁରସ୍କୃତ

ପାଟଣା ୨୮/୪ (ନି.ପ୍ର): ଇଣ୍ଡିପେଣ୍ଡେଣ୍ଟ ରିସର୍ଚ୍ଚ ଏଥିକ୍ସ ସୋସାଇଟି ଓ ଭାରତ ସରକାରଙ୍କ କେନ୍ଦ୍ରୀୟ ଆୟୁର୍ବେଦ ଅନୁସନ୍ଧାନ ସଂସ୍ଥାନ ପକ୍ଷରୁ ସଲ୍ଟଲେକଠାରେ ପଶ୍ଚିମବଙ୍ଗରେ ଆୟୁଷ ଗବେଷଣା, ଉନ୍ନତି ଓ ସୁଯୋଗ ଶୀର୍ଷକ ଏକ ହାଇବ୍ରୀଡ୍ ଆନ୍ତର୍ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳା ପ୍ରାରମ୍ଭରେ ପହଲଗାମ ଆକ୍ରମଣରେ ପ୍ରାଣତ୍ୟାଗ କରିଥିବା ଅମର ଆତ୍ମାଙ୍କ ସ୍ମରଣ କରି ନୀରବ ପ୍ରାର୍ଥନା କରାଯାଇଥିଲା। କର୍ମଶାଳାର ପରିଚାଳକ ତଥା ଉଦ୍ୟୋକ୍ତା ଡାକ୍ତର ପଓ୍ୱନ କୁମାର ଶର୍ମା, କେନ୍ଦ୍ରୀୟ ଆୟୁର୍ବେଦ ଅନୁସନ୍ଧାନ ସଂସ୍ଥାନର ନିର୍ଦ୍ଦେଶକ ଡାକ୍ତର ଜି ପ୍ରଭୁ, ବିଶ୍ୱ ଆୟୁର୍ବେଦ ପରିଷଦର ସଭାପତି ବୈଦ୍ୟ ଏସ୍ ପି ଶର୍ମା ପ୍ରମୁଖ ଉଦଘାଟନୀ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। କାର୍ଯ୍ୟକ୍ରମରେ ଉତ୍ସର୍ଗୀକୃତ ସ୍ୱାସ୍ଥ୍ୟ ସଚେତନତା ଓ ସମାଜ କଲ୍ୟାଣ ପାଇଁ ଯୋଗ ପ୍ରଶିକ୍ଷକ ସନାତନ ମହାକୁଡ଼, ଡାକ୍ତର ସୁପର୍ଣ୍ଣା ସନ୍ୟାଲ ମୁଖାର୍ଜୀ ଓ ଡାକ୍ତର ଶୈକତ କୁମାର ବସୁଙ୍କୁ ଆଇରିସ୍- ଆୟୁଷ ସମୃଦ୍ଧି ପୁରସ୍କାର ୨୦୨୫ ରେ ସମ୍ମାନିତ କରାଯାଇଥିଲା। କର୍ମଶାଳାର ବିଭିନ୍ନ ପର୍ଯ୍ୟାୟରେ ପଶ୍ଚିମବଙ୍ଗରେ ଆୟୁଷ ଆୟୁର୍ବେଦ, ଯୋଗ, ନେଚୁରୋପାଥି, ୟୁନାନୀ, ସିଦ୍ଧ ଓ ହୋମିଓପାଥି ର ଗବେଷଣା ଓ ଉନ୍ନତିର ସୁଯୋଗର ବିଭିନ୍ନ ଦିଗ ଉପରେ ଉପସ୍ଥିତ ଗବେଷକ, ବୈଦ୍ୟ ଓ ଚିକିତ୍ସକଙ୍କ ଦ୍ୱାରା ଆଲୋକପାତ କରାଯାଇଥିଲା। କାର୍ଯ୍ୟକ୍ରମରେ ଡାକ୍ତର ସଂଜୀବ ସାମନ୍ତ, ଡାକ୍ତର ବାଦଲ ଜାନା, ଡାକ୍ତର ତାପସ କୁମାର ମଣ୍ଡଳ, ଡାକ୍ତର ସୁଶୀଳ ନାଥ, ଡାକ୍ତର ପି .ବି କର ମହାପାତ୍ର, ଡାକ୍ତର ସଚ୍ଚିଦାନନ୍ଦ ଚୌଧୁରୀ, ସନ୍ଦିପ ଶର୍ମା, ଡାକ୍ତର ବି. କେ ସରକାର, ଡାକ୍ତର ଏ. କେ ମଙ୍ଗଳ, ଡାକ୍ତର ଅମିତ୍ କୁମାର ଦିକ୍ଷିତ, ଡାକ୍ତର ଏସ୍. ଡି ପଓ୍ୱାର, ଡାକ୍ତର ତୁଷାର କୁମାର ମଣ୍ଡଳ, ଡାକ୍ତର ଦେବ ଜ୍ୟୋତି ଦାସ, ଡାକ୍ତର ଦୀପ ସୁନ୍ଦର ସାହୁ, ମାନସୀ ଦାସ, କଲ୍ୟାଣ ହାଜରା, ଡାକ୍ତର ରଂଜିତା ଏକ୍କା, ମିହିର କୁମାର, ଡାକ୍ତର ଗୋବିନ୍ଦ ଏସ୍. ଶୁକ୍ଲା, ବୈଦ୍ୟ ଅବତାର ସିଂହ, ଡାକ୍ତର ୟୁନିସେଫ୍ ମୁନସୀ, ଡାକ୍ତର ଜି. ପି ସରକାର, ଡାକ୍ତର ଏସ୍. ଅଜିତ, ଏସ୍. ଏସ୍ ଶର୍ମା ଓ ବହୁ ଗବେଷକ ତଥା ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ।

## ନିମ୍ନମାନର କାମ ଦେଖି ଉତ୍ୟକ୍ତ ଗ୍ରାମବାସୀ ବନ୍ଦ କଲେ ରାସ୍ତା କାମ

ପାଟଣା ୨୮/୪ (ନି.ପ୍ର): ଜଙ୍ଗଲ ରାସ୍ତାରେ ଚାଲିଥିଲା ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣ। ନିମ୍ନମାନର କାମ ଦେଖି



ଉତ୍ୟକ୍ତ ଗ୍ରାମବାସୀ ବନ୍ଦ କରିଛନ୍ତି ରାସ୍ତା କାମ। ଏଭଳି ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକର ଉପାନ୍ତ ଅଞ୍ଚଳ ରଘୁବେଡା ଗ୍ରାମରେ । ସାନ୍ତରାପୁର ଠାରୁ ଭାୟା ଛତିଆ ଦେଇ ରଘୁବେଡା ଯାଏଁ ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣ ଚାଲିଛି। ଏହା ଅତ୍ୟନ୍ତ ନିମ୍ନମାନର କାମ ହେଉଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ବାଲି ବଦଳରେ ମୋରମ ମାଟିରେ କଲଭଟ ନିର୍ମାଣ ହେଉଥିବା ଅଭିଯୋଗ ହୋଇଛି। ? ହାତ ମାରିଲେ କଲଭଟ ରୁ ମେଣ୍ଟାଲ ଖସି ଯାଉଥିବା ଦେଖାଇଛନ୍ତି ଗ୍ରାମବାସୀ। ଏଭଳି ନିମ୍ନମାନର କାମର ସ୍ଥାୟୀତ୍ୱ କୁ ନେଇ ପ୍ରଶ୍ନ ଉଠାଇଛନ୍ତି ଲୋକେ। ଭଲ ରାସ୍ତା ରେ ଲୋକେ ଯାତାୟାତ କରିବେ ବୋଲି ଆଶା ରଖିଥିଲେ କିନ୍ତୁ ଏଭଳି ନିମ୍ନମାନର କାମ ଦେଖି ଲୋକଙ୍କ ଆଶା ମଉଳି ଯାଇଛି। ଠିକାଦାର ଓ ଯନ୍ତ୍ରୀ ଙ୍କ ମିଳିଭଗତ ରେ ନିମ୍ନମାନର କାମ ହେଉଥିବା କହିଛନ୍ତି ଗ୍ରାମବାସୀ। ଉପରିସ୍ଥ ବିଭାଗୀୟ ଅଧିକାରୀ ଏହି ରାସ୍ତା କାମର ଯାଞ୍ଚ କରିବା ସହ କାମ ସ୍ଥଳରେ ଉପସ୍ଥିତ ରହି ଭଲ ରାସ୍ତା ନିର୍ମାଣ କାର୍ଯ୍ୟ କରିବାକୁ ସମାଜସେବୀ ପବିତ୍ର ମୋହନ ସିଂ ଦାବି କରିଛନ୍ତି।

# ସ୍ୱାସ୍ଥ୍ୟ ବିଭାଗର ନିୟମକୁ ଉଲଘଂନ - ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତଦନ୍ତ -ତଦନ୍ତର ନିର୍ଯ୍ୟାସ ସାର୍ବଜନୀନ କରିବାକୁ ଦାବି

ନିଶ୍ଚିନ୍ତକୋଇଲି ୨୮/୪ (ନି.ପ୍ର): ରାଜ୍ୟ-ରାଜପଥ କଟକ-ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ମୁଖ୍ୟ ବଜାରର ରାସ୍ତା ପାର୍ଶ୍ୱରେ ପ୍ରତିଷ୍ଠିତ ସାଇ ମଲ୍ଟି ସ୍ପେସିଆଲିଷ୍ଟ ହସପିଟାଲର ଫାୟାର ସେଫ୍ଟି ନାହିଁ। କ୍ଲିନିକାଲ ଏଷ୍ଟାବ୍ଲିସମେ□ ଆକ୍ଟ ମୁତାବକ ରାଜ୍ୟ ସରକାରଙ୍କ ନିର୍ମାଣ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଓ ଅଗ୍ନିସମ ବିଭାଗର ମିଳିତ ଯା□ ଓ ଅନୁମୋଦନ ମୁତାବକ ବିଲ୍ଡିଂ ନିର୍ମାଣ କରାଯିବା କଥା। ଯାହା ଏହି ହସପିଟାଲରେ ହୋଇନାହିଁ। ସରକାରୀ ନୀତି ନିୟମ ପାଳନ ନକରି ଅତ୍ୟନ୍ତ ବେପରୁଆ ଭାବେ ରୋଗୀଙ୍କ ଜୀବନକୁ ବାଜିରେ ଲଗାଇ ହସପିଟାଲ ଚଳାଉଛନ୍ତି ହସପିଟାଲ କର୍ତ୍ତୃପକ୍ଷ । ମେଡିକାଲରେ କୌଣସି ଜରୁରୀ କାଳିନ ବର୍ହିଗତ ସେବା ପାଇଁ କୌଣସି ସୁବିଧା ନାହିଁ। ଭିଜିଲାନ୍ସ ବିଭାଗକୁ ଅଭିଯୋଗ ହୋଇଥିବା ଅଭିଯୋଗ ମୁତାବକ ବିଭିନ୍ନ ପ୍ରକାର ରୋଗୀମାନଙ୍କ ଉଦ୍ଦେଶ୍ୟରେ ମିଥ୍ୟା କାଗଜପତ୍ର ଦର୍ଶାଇ ବିଏସକେଓ୍ୱାଇ କାର୍ଡରୁ ଅଧିକ ଅର୍ଥ ଉଠାଣ କରି ମାଲେ ମାଲେ ହେଉଛନ୍ତି ଘରୋଇ ଚିକିତ୍ସାଳୟ କର୍ତ୍ତୃପକ୍ଷ । ଶନିବାର ୧୨ ତାରିଖ କଟକ ଉପସ୍ୱାସ୍ଥ୍ୟ ଚିକିତ୍ସାଧିକାରୀ ଡାକ୍ତର ଚିନ୍ତାମଣୀ ମିଶ୍ରଙ୍କ ନେତୃତ୍ୱରେ ଏକ ତିନି ଜଣିଆ ଟିମ୍ ସାଇ ମଲ୍ଟି ସ୍ପେସିଆଲିଷ୍ଟ ହସପିଟାଲରେ ଚଢାଉ କରିଥିଲେ। ହସପିଟାଲର ବିଭିନ୍ନ କାଗଜପତ୍ର ଯା□ କରିବା ସହିତ ଅନେକ କାଗଜପତ୍ର ହସପିଟାଲ କର୍ତ୍ତୃପକ୍ଷ ତଦନ୍ତକାରୀ ଅଧିକାରୀଙ୍କୁ ପ୍ରଦାନ କରିପାରିନଥିବା ଡାକ୍ତର ଚିନ୍ତାମଣୀ ମିଶ୍ର ସୂଚନା ଦେଇଥିଲେ । ତେବେ ଆସନ୍ତା ୭ ଦିନ ମଧ୍ୟରେ ଆବଶକୀୟ କାଗଜପତ୍ର ପ୍ରଦାନ କରିବା ପାଇଁ ତଦନ୍ତକାରୀ ଦଳ ନିର୍ଦ୍ଦେଶ ଦେଇ ଫେରିଯାଇଥିଲେ । ପୁନଃ ତଦନ୍ତ ଗତ ତା.୨୬.୦୪.୨୦୨୫ ରିଖ ଶନିବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିଶ୍ଚିନ୍ତକୋଇଲି ତହସିଲଦାର ଓ ନିଶ୍ଚିନ୍ତକୋଇଲି ଥାନା ଅଧିକାରୀ ଓ କର୍ମଚାରୀଙ୍କ ଉପସ୍ଥିତିରେ ସ୍ୱାସ୍ଥ୍ୟବିଭାଗ ଅଧିକାରୀ ପୁନଃ ତଦନ୍ତ କରିଥିଲେ। ତଦନ୍ତର ନିର୍ଯ୍ୟାସ କ'ଣ ହେଲା ଘରୋଇ ଚିକିତ୍ସାଳୟ କ□ୃପକ୍ଷ ତଦନ୍ତ କାରୀ ଦଳଙ୍କୁ ଉପଯୁକ୍ତ ନଥିପତ୍ର ପ୍ରଦାନ କଲେ କି ନାହିଁ ତାହା ସ୍ପଷ୍ଟ ହେଲା ନାହିଁ। ତଦନ୍ତକାରୀ ଅଧିକାରୀଙ୍କୁ ତଦନ୍ତର ନିର୍ଯ୍ୟାସ ବିଷୟ ଖବର ସଂଗ୍ରହ ପାଇଁ ଗଣମାଧ୍ୟମ ପ୍ରତିନିଧିମାନେ ତଦନ୍ତକାରୀ ଦଳକୁ ଯୋଗାଯୋଗ କରିଥିଲେ ମଧ ତାଙ୍କ ସହ ଯୋଗାଯୋଗ ହୋଇପାରିନଥିଲା। ଦ୍ୱିତୀୟଥର ଚଢାଉକୁ ନେଇ ସାଧାରଣରେ ସନ୍ଦେହ ଉପୁଜିଛି। କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ କଟକ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ସାଇ ମଲ୍ଟି ସ୍ପେସିଆଲିଷ୍ଟ ହସପିଟାଲରେ ହୋଇଥିବା ଦ୍ୱିତୀୟ ଥର ତଦନ୍ତର କ'ଣ ନିର୍ଯ୍ୟାସ ହେଲା ତାହା ଗଣମାଧ୍ୟମରେ ସାର୍ବଜନୀନ କରିବାକୁ ସାଧାରଣରେ ଦାବି ହେଉଛି ।




## ମା ବୁଢ଼ି ଠାକୁରାଣୀ ଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଚିକିଟୀ ୨୮/୪ (ନି.ପ୍ର): ଏହି ବ୍ଲକ ଚାନ୍ଦପୁର ପଞ୍ଚାୟତ ସ୍ଥିତ ସ୍ଥିତ ଶ୍ରୀ ଶ୍ରୀ ଶ୍ରୀ ମା ବୁଢ଼ି ଠାକୁରାଣୀ ଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଯାଇଛି। ୨୬ ତାରିଖ ଶନିବାର ଠାରୁ ଆରମ୍ଭ ହୋଇ ଦିର୍ଘ ପାଞ୍ଚ ଦିନ ବ୍ୟାପୀ ଏହି ପ୍ରତିଷ୍ଠା ଉତ୍ସବ ୩୦ତାରିଖ ବୁଧବାର ପୁର୍ଣ୍ଣାହୁତି ହେବା କାର୍ଯ୍ୟକ୍ରମ ରହିଛି। ପ୍ରଥମ ଦିବସରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଜଳ କଳସ ଧରି ଜଳଯାତ୍ରା କରିବା ପରେ ଦିକ୍ଷା ଗ୍ରହଣ ଓ ଅଙ୍କୁରାରୋପଣ ହୋଇଥିଲା। ପରେ ବୈଦିକ ରୀତିରେ ପୁଜାପାଠ ସହ ବନଯୋଗ, ଇନ୍ଦ୍ର ଇନ୍ଦ୍ରାଣୀ ପ୍ରତିଷ୍ଠା , ରତ୍ନ ମୁଦ୍ରା ପୁଜା ଆରମ୍ଭ ପରେ ପ୍ରତିଷ୍ଠା ଆରମ୍ଭ , ଅଧିବାସାଙ୍ଗ ଯଜ୍ଞ,ଘୃତ ଯଜ୍ଞ, ଅନ୍ନ ଯଜ୍ଞ ଓ ନାମ ଯଜ୍ଞ ଆରମ୍ଭ ହୋଇ ପ୍ରତିଷ୍ଠା ଅନୁସଙ୍ଗିକ କାର୍ଯ୍ୟକ୍ରମ,ଦେବୀ ମହାସ୍ନାନ ,ପ୍ରାଣ ପ୍ରତିଷ୍ଠା ସାଙ୍ଗକୁ ବୁଧବାର ଶେଷ ଦିବସରେ ଦେବୀ ଗ୍ରାମ୍ୟ ଭ୍ରମଣ ଦେବୀ ପ୍ରବେଶ, ପୂର୍ଣ୍ଣାହୁତି ହେବା କାର୍ଯ୍ୟକ୍ରମ ରହିଛି। ମୁଖ୍ୟ ପଣ୍ଡିତ ଶ୍ରୀ ଶିବ ପ୍ରସାଦ ପଣ୍ଡା ଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନ ଓ ମନ୍ତ୍ର ଧ୍ୱନି ରେ ପୀଠ ପ୍ରକମ୍ପିତ ହେଉଥିବା ବେଳେ ପ୍ରାୟ ୪୦ଜଣ ପଣ୍ଡିତ ପୁଜାପାଠ ରେ ସହଯୋଗ କରୁଛନ୍ତି । କର୍ତ୍ତା ଭାବେ ପ୍ରକାଶ ଚନ୍ଦ୍ର ପରମଗୁରୁ ଓ ତାଙ୍କ ସହଧର୍ମିଣୀ ନଳିନୀ ପରମଗୁରୁ ପୁଜାରେ ବସିଛନ୍ତି। ଗ୍ରାମବାସୀ ଗ୍ରାମର ଯୁବଗୋଷ୍ଠୀ ଓ ଅଞ୍ଚଳ ବାସୀ ଯଜ୍ଞ ପରିଚାଳନା ରେ ସହଯୋଗ କରୁଛନ୍ତି। ଏହି ମନ୍ଦିର ଏକ ଆଧ୍ୟାତ୍ମିକ ପରିବେଶରେ ପ୍ରକମ୍ପିତ ହେଉଥିବା ବେଳେ ରଙ୍ଗୀନ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି।

## ଖଜୁରିଜୁଆଣି ରେ ବାଦି ପାଲା

ପାଟଣା ୨୮/୪ (ନି.ପ୍ର): ଘଟଗାଁ ବ୍ଲକ ଅନ୍ତର୍ଗତ ଖଜୁରିଜୁଆଣି ଗ୍ରାମରେ ବାର୍ଷିକ ବାଦି ପାଲା ୨୩ ଏପ୍ରିଲ୍ ରୁ ୨୬ ତାରିଖ ଯାଏ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ନୟାଗଡ଼ ର ଉର୍ମିଳା ସାହୁ ଓ ଭୁବନେଶ୍ୱର ର ସୁଭଦ୍ରା ବେହେରା ଯୋଗ ଦେଇ ଆକର୍ଷଣୀୟ ବାଦି ପାଲା ପରିବେଷଣ କରିଥିଲେ ।କମିଟି ପକ୍ଷରୁ ସଭାପତି କୀର୍ତ୍ତନ ବିହାରୀ ନାୟକ ଉପସଭାପତି ପୂର୍ଣ୍ଣ ଚନ୍ଦ୍ର ନାୟକ କୋଷାଧ୍ୟକ୍ଷ କାଳିଆ ନାୟକ,ଜିତୁ ନାୟକ,ମାନସ ଦଳେଇ,କୃଷ୍ଣ ଚନ୍ଦ୍ର ନାୟକ,ଶିବ ଶଙ୍କର ନାୟକ,ରଘୁନାଥ ନାୟକ,ମଦନ ନାୟକ,ହେମାମଣି ନାୟକ,ସତ୍ୟଭାମା ନାୟକ,ସରସ୍ୱତୀ ନାୟକ,ବାବୁଲି ନାୟକ,ପ୍ରମୁଖ ଙ୍କ ଦ୍ୱାରା ବାର୍ଷିକ ବାଦି ପାଲା କାର୍ଯ୍ୟକ୍ରମ ଅନୁଷ୍ଠିତ କରିଥିଲେ ।

# ଫୁଲବାଣୀ ସଦର ମହକୁମାରେ ଜାତୀୟ ପଂଚାୟତରାଜ ଦିବସ ପାଳିତ





ଫୁଲବାଣୀ ତା,୨୮/୦୪ ଜଗନ୍ନାଥ ଏକ୍ସପ୍ରେସ ( ଶ୍ରୀ କ୍ଷୀରୋଦ କୁମାର ସାହାଣୀଙ୍କ ରିପୋର୍ଟ ) କନ୍ଧମାଳ ଜିଲ୍ଲାର ସଦର ମହକୁମା ସ୍ଥିତ ସ୍ଥାନୀୟ ବିଜୁ ସ୍ମୃତି କଲ୍ୟାଣ ମଣ୍ଡପ ଠାରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ଜିଲ୍ଲା ପ୍ରଶାସନ, କନ୍ଧମାଳର ମିଳିତ ଆନୁକୂଲ୍ୟରେ ଆଜି ଜାତୀୟ ପଞ୍ଚାୟତିରାଜ ଦିବସ – ୨୦୨୫ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମ ଆରମ୍ଭରେ କାଶ୍ମୀର ପହଲଗ୍ରାମଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ପ୍ରାଣହରାଇଥିବା ୨୬ଜଣ ପର୍ଯ୍ୟଟକଙ୍କ ଆତ୍ମାର ସଦଗତି ପାଇଁ ୨ ମିନିଟର ନୀରବ ପ୍ରାର୍ଥନା କରି ଆଜିର କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଆଜିର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମାନ୍ୟବର ବିଧାୟକ, ଫୁଲବାଣୀ ଶ୍ରୀ ଉମା ଚରଣ ମଲ୍ଲିକ କହିଥିଲେ ଯେ ପଞ୍ଚାୟତିରାଜ ବ୍ୟବସ୍ଥା ଗ୍ରାମୀଣ ଅର୍ଥନୀତି ଓ ସାମାଜିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ମହିଳା ସଶକ୍ତିକରଣ ଓ ଦରିଦ୍ର ଦୂରୀକରଣରେ ଏହାର ଯୋଗଦାନ ଅତୁଳନୀୟ । ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ କରି ୨୦୩୬ ମସିହା ସୁଦ୍ଧା ଓଡ଼ିଶାକୁ ବିକଶିତ ଓଡ଼ିଶା ଗଠନ ପାଇଁ ଓଡ଼ିଶା ସରକାରଙ୍କର ଯେଉଁ ଲକ୍ଷ୍ୟ ରହିଛି ଏଥିରେ ସହଯୋଗ କରିବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ, କନ୍ଧମାଳ ଶ୍ରୀ ରମେଶ ଚନ୍ଦ୍ର ଜେନା କହିଥିଲେ ଯେ ବିକାଶର ମୂଳ ହେଉଛି ଗ୍ରାମ । ଗ୍ରାମ ଗୁଡିକର ଯଦି ବିକାଶ ନ ହେବ ତେବେ ରାଜ୍ୟ ବା ଦେଶର ବିକାଶ ହୋଇପାରିବ ନାହିଁ ତେଣୁ ପଞ୍ଚାୟତିରାଜ ଦିବସରେ ଗ୍ରାମର ବିକାଶ ପାଇଁ ସମସ୍ତେ ସଂକଳ୍ପ ନେବା ଉଚିତ । ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ରାଜସ୍ୱ ସଂଗ୍ରହ, ଭିତ୍ତିଭୂମିର ବିକାଶ ଏବଂ ସେବା ପ୍ରଦାନ ଭଳି କ୍ଷେତ୍ରରେ ପ୍ରଦର୍ଶନକୁ ଆଧାର କରି ଜିଲ୍ଲାର ୭ଟି ପଞ୍ଚାୟତକୁ ରାଜ୍ୟ ଅର୍ଥ ଆୟୋଗ ପ୍ରୋତ୍ସାହନ ଅନୁଦାନ ପ୍ରଦାନ କରାଯାଇଥିଲା ଏବଂ ହିତାଧିକାରୀମାନଙ୍କୁ ନୂତନ ରାସନ୍ କାର୍ଡ ପ୍ରଦାନ କରାଯାଇଥିଲା । ଶେଷରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଫୁଲବାଣୀ ଶ୍ରୀ ସୌମ୍ୟରଞ୍ଜନ ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ, କନ୍ଧମାଳ ଶ୍ରୀ କୁଶଳ ଚନ୍ଦ୍ର ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, କନ୍ଧମାଳ ଶ୍ରୀ ଶମ୍ଭୁନାଥ ନନ୍ଦୀ, ଜିଲ୍ଲା ପରିଷଦ ସଦସ୍ୟା ଚନ୍ଦ୍ରମା ମଲ୍ଲିକ , ଉପ ଜିଲ୍ଲାପାଳ, ଫୁଲବାଣୀ ଶ୍ରୀ ଭିକାରୀ ସାହୁ, ଜିଲ୍ଲା ଖାଉଟି ଯୋଗାଣ ଅଧିକାରୀ ଶ୍ରୀ ଜ୍ଞାନେନ୍ଦ୍ର ମିଶ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଅକ୍ଷୟ କୁମାର ସେଠୀ, ପ୍ରକଳ୍ପ ପ୍ରଶାସକ,ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ ଶ୍ରୀ ଗଦାଧର ପାତ୍ର,ଏ.ପି.ଡି- ତଥା - ଡି.ପି.ଓ, ଜିଲ୍ଲା ପରିଷଦ ଶ୍ରୀ ନରେନ୍ଦ୍ର ନାୟକ, ଏ.ପି.ଡି ଫାଇନାନ୍ସ ଶ୍ରୀ ବିଦୁର ବେହେରା, ଅଧ୍ୟକ୍ଷା, ଫୁଲବାଣୀ ବ୍ଲକ ଶ୍ରୀମତୀ ସସ୍ମିତା କହଁର, ଉପାଧ୍ୟକ୍ଷ, ଫୁଲବାଣୀ ବ୍ଲକ ଶ୍ରୀ ଶ୍ରୀନିବାସ ମଲ୍ଲିକ୍, ବିଭିନ୍ନ ଗ୍ରାମ ପଞ୍ଚାୟତର ସରପଞ୍ଚ ଶ୍ରୀ ଆଲୋକ କହଁର ସମେତ ଟିକାବାଲି ବ୍ଲକ ଗୁଟିଙ୍ଗିଆ ପଂଚାୟତ ସରପଞ୍ଚ ତଥା ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ଆକାଂକ୍ଷା ପ୍ରଧାନ ସ୍ୱତନ୍ତ୍ର ଭାବେ ଆଜିର କାର୍ଯ୍ୟକ୍ରମ ରେ ଯୋଗଦାନ କରିଥିଲେ ଓ ସମସ୍ତ ବିଭାଗୀୟ ସରକାରୀ କର୍ମଚାରୀ, ପୌରପରିଷଦ, ଫୁଲବାଣୀର କର୍ମଚାରୀ, ଜନସାଧାରଣ ଓ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

## ପୁରୀ-ବାଙ୍ଗିରିପୋଷି ଟ୍ରେନରେ ଏଲଏଚବି କୋଚ୍



ଭୁବନେଶ୍ୱର, ୨୮/୪ : ପୁରୀ-ବାଙ୍ଗିରିପୋଷି-ପୁରୀ ସୁପର ଫାଷ୍ଟ ଏକ୍ସପ୍ରେସକୁ ଆଧୁନିକ ଲିଙ୍କେ ହଫମାନ ବୁଶ (ଏଲଏଚବି) କୋଚ ଚଳାଚଳ କରାଯିବ ପାଇଁ ରୂପାନ୍ତରିତ କରାଯାଇଛି ଯାହା ଯାତ୍ରୀମାନଙ୍କୁ ଉନ୍ନତ ନିରାପତ୍ତା ଏବଂ ଆରାମ ପ୍ରଦାନ କରିଥାଏ । ଆଜି ପୂର୍ବାହ୍ନରେ ବାଙ୍ଗିରିପୋଷି ରେଳ ଷ୍ଟେସନରୁ ଏହି ରୂପାନ୍ତରିତ ଟ୍ରେନ ସେବାର ଶୁଭାରମ୍ଭ କରାଯାଇଅଛି । ପୁରୀ-ବାଙ୍ଗିରିପୋଷି-ପୁରୀ ସୁପର ଫାଷ୍ଟ ଏକ୍ସପ୍ରେସ ଏଲଏଚବି କୋଚ ସହିତ ନିୟମିତ ସେବା ୨୯ ଏପ୍ରିଲ୍ ୨୦୨୫ ଠାରୁ ପୁରୀରୁ ଏବଂ ୩୦ ଏପ୍ରିଲ୍ ୨୦୨୫ ଠାରୁ ବାଙ୍ଗିରିପୋଷିରୁ ଆରମ୍ଭ ହେବ । ପୂର୍ବରୁ ଏହି ଟ୍ରେନଟି ପାରମ୍ପରିକ ଆଇସିଏଫ କୋଚ ସହିତ ଚଳାଚଳ କରୁଥିଲା । ରୂପାନ୍ତରିତ ଟ୍ରେନ୍ ସଂରଚନାରେ ଗୋଟିଏ ଏସି ଚେୟାର କାର, ୬ଟି ଦ୍ୱିତୀୟ ଶ୍ରେଣୀ ସଂରକ୍ଷିତ ଆସନ କୋଚ୍, ୫ଟି ସାଧାରଣ ଦ୍ୱିତୀୟ ଶ୍ରେଣୀ କୋଚ୍, ଗୋଟିଏ ଗାର୍ଡ ତଥା ପାୱାର କାର୍ ଏବଂ ଦିବ୍ୟାଙ୍ଗଜନ ଯାତ୍ରୀଙ୍କ ପାଇଁ ଗୋଟିଏ ଗାର୍ଡ ତଥା ଦ୍ୱିତୀୟ ଶ୍ରେଣୀ କୋଚ୍ ରହିଛି । ବାଙ୍ଗିରିପୋଷି ଠାରେ ଆୟୋଜିତ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅନେକ ସମ୍ମାନିତ ବ୍ୟକ୍ତି ଯୋଗ ଦେଇଥିଲେ ଯେଉଁଥିରେ ମୟୂରଭଞ୍ଜ (ଲୋକସଭା)ର ମାନ୍ୟବର ସାଂସଦ ଶ୍ରୀ ନବ ଚରଣ ମାଝୀ, ମାନନିୟା ରାଜ୍ୟସଭା ସାଂସଦ ଶ୍ରୀମତୀ ମମତା ମହାନ୍ତ, ବାଙ୍ଗିରିପୋଷି ବିଧାୟିକା ଶ୍ରୀମତୀ ସଞ୍ଜଲୀ ମୁର୍ମୁ ଏବଂ ସରସକଣାର ମାନ୍ୟବର ବିଧାୟକ ଶ୍ରୀ ଭାଦବ ହାଁସଦା ପ୍ରମୁଖ ସାମିଲ ଥିଲେ । ଏଲଏଚବି କୋଚ୍ ପ୍ରଚଳନ ଏହି ଗୁରୁତ୍ୱପୂର୍ଣ୍ଣ ରୁଟ୍ ପାଇଁ ଯାତ୍ରୀ ସୁବିଧା ଏବଂ କାର୍ଯ୍ୟକ୍ଷମତାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଯାହା ଭୁବନେଶ୍ୱରରେ ରାଜ୍ୟ ରାଜଧାନୀ ମଧ୍ୟଦେଇ ଓଡ଼ିଶାର ଉପକୂଳ ଏବଂ ଉତ୍ତର ଓଡ଼ିଶାର ଆଦିବାସୀ ଅଞ୍ଚଳଗୁଡ଼ିକୁ ସଂଯୋଗ କରୁଛି ।

## କର୍ମଜୀବୀ ମହିଳାଙ୍କୁ ଗଣ ଦୁଷ୍କର୍ମ

ଯାଜପୁର , ୨୮/୪ : ଯାଜପୁର ସହରରେ ଜଣେ କର୍ମଜୀବୀ ମହିଳାଙ୍କ ହାତମୁହଁ ବାନ୍ଧି ଦୁଷ୍କର୍ମ ହୋଇଛି । ପୀଡ଼ିତା ଏ ନେଇ ଥାନାରେ ଅଭିଯୋଗ କରିଥିବାବେଳେ ଘଟଣାର ୭୨ ଘଣ୍ଟା ପରେ ମଧ୍ୟ ପୁଲିସ କୌଣସି ସଫଳତା ପାଇନାହିଁ। ଗତ ୨୨ ତାରିଖ ସନ୍ଧ୍ୟାରେ ଏହି ମହିଳାଙ୍କୁ ସହର ନିକଟ ରେ ଥିବା ଏକ ଜନ ଶୂନ୍ୟ ଅଞ୍ଚଳ କୁ ଟେକିନେଇ କିଛି ଅସାମାଜିକ ଯୁବକ ଦୁଷ୍କର୍ମ କରିଥିଲେ ମହିଳା ଜଣକ ଏହାର ପ୍ରତିବାଦ କରିବାରୁ ତାଙ୍କୁ ମାରଣାସ୍ତ୍ରରେ ହାଣି ପକାଇଥିଲେ ।ଯାଜପୁର ଟାଉନ ଥାନାଠାରୁ ୩ଶହ ମିଟର ଦୂର ଗାନ୍ଧୀଛକଠାରେ ମହିଳାଜଣକ ଘରକୁ ଯିବା ଲାଗି ଗାଡ଼ିକୁ ଅପେକ୍ଷା କରିଥିଲେ। ଏହି ସମୟରେ ଜଣେ ଅଟୋ ଚାଳକ ତାଙ୍କୁ ଘର ପାଖ ବଜାରରେଛାଡ଼ିଦେବ କହି ଡାକିଥିଲା। ପୂର୍ବରୁ ସେଥିରେ ଦୁଇଜଣ ଯୁବକ ବସିଥିଲେ। କିଛି ବାଟ ଗଲା ପରେ ଯୁବକଦ୍ୱୟ ଅଟୋ ଭିତରେ ମହିଳାଙ୍କୁ ଦୁର୍ବ୍ୟବହାର କରିଥିଲେ। ମହିଳାଜଣକ ଏହାକୁ ବିରୋଧ ବିରୋଧ କରିଥିଲେ ବି ଅଟୋ ଚାଳକ କିଛି ଶୁଣିନଥିଲେ। ପରେ ଦୁର୍ବୃତ୍ତଦ୍ୱୟ ମହିଳାଙ୍କୁ ତାଙ୍କ ଓଢ଼ଣୀରେ ବାନ୍ଧି ପକାଇ ସହର ଉପକଣ୍ଠ ଏକ ନିଛାଟିଆ ଜାଗାକୁ ନେଇ ଯାଇଥିଲେ । ସେଠାରେ ପୂର୍ବରୁ ଥିବା ୩ଜଣ ମଦ୍ୟପ ଯୁବକଙ୍କ ସହ ମିଶି ମହିଳାଙ୍କୁ ନିର୍ଯାତନା ଦେବା ସହ ପ୍ରବଳ ମାଡ଼ ମାରିଥିଲେ । ଦୁଷ୍କର୍ମ କରିବା ପରେ ତାଙ୍କ ପିଠି, ହାତକୁ ହାଣି ପକାଇବା ସହ ଶରୀରର ବିଭିନ୍ନ ସ୍ଥାନକୁ କ୍ଷତାକ୍ତ କରିଥିବା ମହିଳା ଅଭିଯୋଗ ଆଣିଛନ୍ତି । କୌଣସିପ୍ରକାର ସେ ଖସି ଆସି ନିକଟରେ ଥିବା ଜଣେ ବ୍ୟକ୍ତିଙ୍କ ଘରେ ପହଞ୍ଚି ସାହାଯ୍ୟ ମାଗିବା ସହ ନିଜ ପରିବାର ଲୋକଙ୍କୁ ଖବର ଦେଇଥିଲେ । ପରେ ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଏ ନେଇ ଥାନାରେ ମାମଲା ରୁଜୁ ହୋଇଥିବାବେଳେ ପୁଲିସ ପ୍ରାରମ୍ଭିକ ତଦନ୍ତ ଆରମ୍ଭକରିଥିବା ସୂଚନା ମିଳିଛି। ଯାଜପୁର ସହରରେ ଏଭଳି ଗଣଦୁଷ୍କର୍ମ ଘଟଣା ଆଲୋଡ଼ନ ସୃଷ୍ଟି କରିଛି। 'ଯାଜପୁରରେ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ ଥାନାରେ ମାମଲା ପରେ ବି କାର୍ଯ୍ୟାନୁଷ୍ଠନ ନାହିଁ'

# ବାଲି ମାଫିଆଙ୍କ ଭୂସ୍ୱର୍ଗ ପାଲଟିଛି ଯାଜପୁର

### ବଦନାମ ହେଉଛି ବିଜେପି ସରକାର, ଚାନ୍ଦା ନେଇ ଚୁପ୍ ରହୁଛି ଡିଡିଏମ୍, ତହସିଲ୍ ଓ ଯାଜପୁର ଥାନା କାର୍ଯ୍ୟାଳୟ

ଯାଜପୁର, ୨୮/୪ : ଯାଜପୁର ସହର ଏବେ ବାଲି ମାଫିଆଙ୍କ ଭୂସ୍ୱର୍ଗ ପାଲଟିଛି। ସରକାର ପରିବର୍ତ୍ତନ ପରେ କିଛଦିନ ବନ୍ଦ ଥିବା ଚୋରା ବାଲି କାରବାର ପୁନର୍ବାର ଆରମ୍ଭ ହୋଇଛି। ଚାନ୍ଦା ନେଇ ଚୁପ୍ ରହୁଛି ଡିଡିଏମ୍, ତହସିଲ୍ ଓ ଯାଜପୁର ଥାନା କାର୍ଯ୍ୟାଳୟ ।ରାତି ହେଲେ ସହର ଚତୁଃପାର୍ଶ୍ୱରେ ଘେରି ରହିଥିବା ନଦୀରୁ ବେଆଇନ ଭାବରେ ମନଇଚ୍ଛା ବାଲି ଉତ୍ତୋଳନ କରାଯାଉଛି। ସାରା ରାତି ମେସିନ ଓ ହାଇୱା ଶବ୍ଦରେ ଲୋକେ ଶୋଇପାରୁନାହାନ୍ତି। ଫଳରେ ବଦନାମ ହେଉଛି ବିଜେପି ସରକାର ଡିଡିଏମ୍‌ଙ୍କ କାର୍ଯ୍ୟାଳୟ ଚାରିପଟେ ଏପରି ବେଧଡ଼କ ବାଲି ଲୁଟ୍ ହେଉଥିବାରୁ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସଦର ମହକୁମାରେ ନିଜ କାର୍ଯ୍ୟାଳୟ ନିକଟରେ ଲଘୁ ଖଣିଜ ସଂପଦର ବେଧଡ଼କ ଲୁଟ୍‌କୁ ବିଭାଗ ରୋକି ପାରୁନଥିବାରୁ ସନ୍ଦେହ ପ୍ରକାଶ ପାଇଛି। ଯାଜପୁର ସହର ଚାରିପଟେ ୩ଟି ପ୍ରମୁଖ ନଦୀ ବୈତରଣୀ, ଖରସ୍ରୋତା ଓ ବୁଢ଼ା ପ୍ରବାହିତ ହେଉଛି ୩ଟି ନଦୀର ବାଲି ନିର୍ମାଣକାର୍ଯ୍ୟ ପାଇଁ ଉପଯୋଗୀ। ସବୁଠାରୁ ବୈତରଣୀ ବାଲିର ଚାହିଦା ଅଧିକ ଏହାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାତି ହେଲେ ସହରର କିଛି ମାଫିଆ ବିଜେପି ମୁଖାଧରି ବାଲି ଲୁଟ୍‌ରେ ଲାଗି ପଡୁଛନ୍ତି। ସ୍ଥାନୀୟ ପୁଲିସର କିଛି କର୍ମଚାରୀଙ୍କ ସହଯୋଗରେ ଏହା ଚାଲିଥିବାବେଳେ ବିଭାଗ ହାତ ଟେକି ଦେଇଛି ଟାଉନ ଥାନା ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ମାତ୍ର କିଛି ଦୂର ବଲ୍ଲଭୀଘାଟରୁ ହାଇୱା ଯୋଗେ ଟ୍ରିପ୍ ଟ୍ରିପ୍ ବାଲି ଚୋରାଚାଲାଣ ହେଉଛି ! ଅହରହ ଭାରୀଯାନ ଚଳାଚଳ ଯୋଗୁଁ ସେତୁର ସୁରକ୍ଷା ଓ ସହର ରାସ୍ତା ବିପର୍ଯ୍ୟସ୍ତ ହୋଇ ପଡ଼ିଛି ! ସେହିପରି ଯାଜପୁରର ଐତିହ୍ୟ ବହନ କରୁଥିବା ବରାହ ମନ୍ଦିର ପାର୍ଶ୍ୱରେ ପର୍ଯ୍ୟଟନର ବିକାଶ ହେଉଛି। ସର୍ବବୃହତ୍ ଶିବା ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାକୁ ଥିବାବେଳେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲାଗି ଜଳଧାରଣ କ୍ଷମତା ବଢ଼ାଇବାକୁ ଡ୍ୟାମ୍ ନିର୍ମାଣ ହୋଇଛି। ସ୍ଥାନୀୟ ଜଣେ ଯୁବକ ଏକାଧିକ ଜେସିବି ଜରିଆରେ ନଦୀର ଶଯ୍ୟା ଓ ପଠାକୁ ତାଡ଼ି ବାଲି ବିକ୍ରି କରିବାରେ ଲାଗିଥିବା ଜଣାପଡ଼ିଛି । ସେହିପରି ଆଙ୍କୁଲା ନିକଟ ମେଡିକାଲ କଲେଜ ପଛରେ ଜନୈକ ବ୍ୟକ୍ତି ଟ୍ରିପ୍ ଟ୍ରିପ୍ ବାଲି ତାଡ଼ି ରାସ୍ତା ଉପରେ ଗଦା କରୁଛନ୍ତି। ବୁଢ଼ାନଦୀର ଶଙ୍ଖନାଳୀ ଘାଟରୁ ବି ରାତି ହେଲେ ବାଲି ଉଠୁଛି। ଏହି ମାଫିଆଙ୍କ ଯୋଗୁଁ ବିନା ଟେଣ୍ଡର ଘାଟରୁ କୋଟିକୋଟି ଟଙ୍କାର ରାଜସ୍ୱ ହାନି ହେଉଛି ମାଫିଆ ଖଣି ବିଭାଗର ସହଯୋଗ ରହିଥିବା କହି ଖସି ନିଯୁକ୍ତ ହୋଇଛନ୍ତି। ଏହାସତ୍ତ୍ୱେ ରାତି ୧୧ଟାରୁ ଭୋର୍ ପର୍ଯ୍ୟନ୍ତ ସବୁ ବେଆଇନ ଘାଟରୁ ବାଲି ଲୁଟ୍ ହେଉଛି। ଏନେଇ ଯାଜପୁର ଡିଡିଏମ ଜୟପ୍ରକାଶ ନାୟକ କହିଛନ୍ତି, ବେଆଇନ ବାଲି ଚୋରି ରୋକିବାକୁ ଉଦ୍ୟମ ଜାରି ରହିଛି। ସହର ଭିତରେ ହେଉଥିବା ବାଲି ଚୋରିକୁ ବନ୍ଦ କରିବାକୁ ଅଧିକ ଗୁରୁତ୍ୱ ଦିଆଯିବା ସହର ସଂଲଗ୍ନ ଅଞ୍ଚଳରେ ବାଲିଚୋରି ସଂପୂର୍ଣ୍ଣ ବନ୍ଦ ହେବ।

# ସଡ଼କ ନଥିବାରୁ ଆବାସ ସ୍ୱପ୍ନ

### କାର୍ଯ୍ୟାଦେଶ ଥାଇ କଚ୍ଚା ଘର, ଅଟକିଛି ୨ କୋଟିର ରାସ୍ତା କାମ



କାଳିଆପାଣି, ୨୮/୪: ଗାଁକୁ ରାସ୍ତା ନଥିବାରୁ ପ୍ରଧାନମନ୍ତ୍ରୀ ଆବାସ ଘର ସ୍ୱପ୍ନ ହୋଇ ରହିଛି। ସମସ୍ତ ପରିବାର ନାଁରେ ପ୍ରଧାନମନ୍ତ୍ରୀ ଆବାସ ମଞ୍ଜୁର ହୋଇଛି। କିନ୍ତୁ କେହି ଘର ତିଆରି କରିପାରୁ ନାହାନ୍ତି। କାରଣ ଗାଁକୁ ସଡ଼କ ନଥିବାରୁ ନିର୍ମାଣ ସାମଗ୍ରୀ ପହଞ୍ଚି ପାରୁନାହିଁ। ଏହି ଗାଁର ନାଁ ହେଉଛି ଗୁହିଆଶାଳ। ଯାଜପୁର ଜିଲ୍ଲାର ଅପଖ୍ୟାତ ନଗଡ଼ାର ପଡ଼ୋଶୀ ଗାଁ। ଏଠାରେ ୨୬ ଜୁଆଙ୍ଗ ଜନଜାତି ପରିବାର ବାସ କରୁଛନ୍ତି। ସମସ୍ତଙ୍କର ଝାଟିମାଟି ଚାଳଘର। ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡିଏମ୍ଏଫ୍) ଅନୁଦାନରେ ଏବଂ ବନ ବିଭାଗର ପ୍ରକଳ୍ପ ବିବରଣୀ ଆଧାରରେ ୨ କୋଟି ଟଙ୍କା ବ୍ୟୟରେ ନାଳିଆଡାବରୁ ଗୁହିଆଶାଳ ପର୍ଯ୍ୟନ୍ତ ୩ କିଲୋମିଟର ଦୈର୍ଘ୍ୟ ଓ ୧୫ ଫୁଟ ଚଉଡ଼ାର ସଡ଼କ ନିର୍ମାଣ ପାଇଁ ଯୋଜନା ହୋଇଥିଲା। ୨୦୨୩ ନଭେମ୍ବର ୯ରେ ଳାନ୍ୟାସ ହୋଇଥିବା ବେଳେ ୨ ମାସ ମଧ୍ୟରେ କାମ ଆରମ୍ଭ ହୋଇଥିଲା। ପ୍ରସ୍ତାବିତ ପାହାଡ଼ୀ ସଡ଼କରେ ୫ଟି ପୋଲ (କଲଭର୍ଟ) ଓ ୫ଟି ଘୋଷରା (କଜୱେ) ନିର୍ମାଣ ପାଇଁ ନିଅଁ ଖୋଳାଯିବା ସହ ବାଲି, ଚିପ୍ସ ପଡ଼ିଥିଲା ଏବଂ ନାଳିଆଡାବ ନାତୁର ବିଟ୍ ହାଉସରେ ୨୦ କ୍ୱିଣ୍ଟାଲ୍ ପାଖାପାଖି ଲୁହାଛଡ଼ ଓ ଏକ ଟ୍ରିପ୍ ସିମେଣ୍ଟ ଗଚ୍ଛିତ ରହିଥିଲା। ହେଲେ ବର୍ଷେରୁ ଅଧିକ ସମୟ ଧରି କାମ ଅଟକି ଯାଇଛି। ଲୁହାରଡ୍ ସବୁ କଳଙ୍କି ଧରିଲାଣି। ସିମେଣ୍ଟ ବସ୍ତା ସବୁ ପଥର ହୋଇଯାଇଛି। ନିଅଁ ପୋତି ହୋଇଗଲାଣି। ସଡ଼କ ନ ଥିବାରୁ ଗୁହିଆଶାଳ ଗାଁକୁ ନିର୍ମାଣ ସାମଗ୍ରୀ ପହଞ୍ଚି ପାରୁନଥିବା ସୁକିନ୍ଦା ବ୍ଲକ୍ ପ୍ରଶାସନ ପକ୍ଷରୁ କୁହାଯାଇଛି। ଦୁଇବର୍ଷ ତଳୁ ଗୁହିଆଶାଳ ଉଚ୍ଚ ପ୍ରାଥମିକ ସ୍କୁଲ କୋଠା ପାଇଁ କାର୍ଯ୍ୟାଦେଶ ମିଳିଥିଲେ ମଧ୍ୟ କାମ ଆରମ୍ଭ ହୋଇ ପାରୁନାହିଁ। ଗାଁକୁ ଆମ୍ବୁଲାନ୍ସ ଗଡ଼ିବା ଅସମ୍ଭବ। ରୋଗୀ ଓ ଗର୍ଭବତୀ ଭାରରେ ବୁହାହୋଇ ନାଳିଆଡାବ ପର୍ଯ୍ୟନ୍ତ ଆସିଥାନ୍ତି। ଗତ ୨ ତାରିଖରେ ଯାଜପୁର ଜିଲ୍ଲାପାଳ ପି.ଅନ୍ୱେଷା ରେଡ୍ଡୀ ଗୁହିଆଶାଳ ଗସ୍ତରେ ଯାଇ ବାସ୍ତବତା ଅନୁଧ୍ୟାନ କରିଥିଲେ। ବର୍ଷାଦିନ ପୂର୍ବରୁ ନାଳିଆଡାବ-ଗୁହିଆଶାଳ ସଡ଼କ ନିର୍ମାଣ ପାଇଁ ଏସିଏଫ୍ ଅନୀଲ ରାୟ, ରେଞ୍ଜର ଦେବେନ୍ଦ୍ର ମାଝୀ, ବନପାଳ ରାମ ତିରିଆ, ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ଅବିନାଶ ବାରିକ, ଡିଏମ୍ଏଫ୍ ଟିମ୍ ଲିଡର ସତ୍ୟସ୍ୱରୂପ ପଣ୍ଡାଙ୍କ ସହ ଆଲୋଚନା କରିଥିଲେ। ଏସିଏଫ୍ ଅନୀଲ ରାୟ କହିଛନ୍ତି ଜଙ୍ଗଲ ଜମିର କିସମ ପରିବର୍ତ୍ତନ ପାଇଁ ପଲ୍ଲୀସଭା ହୋଇଥିଲେ ହେଁ ଅଧିକ କିଛି କାମ ଆଗେଇ ନଥିବା କହିଥିଲେ।

## ଯାଜପୁର ସହରରେ ବଢ଼ି ଚାଲିଛି ଦେହ ବ୍ୟବସାୟ

### ବିପଥଗାମୀ ହେଉଛନ୍ତି ଯୁବଗୋଷ୍ଠୀ , ବଟି ନେଇ ଚୁପ୍ ରହୁଛି ଯାଜପୁର ପୋଲିସ

ଯାଜପୁର, ୨୮/୪ : ଯାଜପୁର ସହର ଏବଂ ଏହାର ଆଖପାଖରେ ଥିବା ଲଜ୍ ଏବଂ ଗେଷ୍ଟ ହାଉସରେ ଖୁଲମ୍ ଖୁଲ୍ଲା ଦେହ ବ୍ୟବସାୟଚାଲିଛି। ଏହି ଘଟଣାକୁ ଜାଣି ନଜାଣିବା ପରି ଚୁପ୍ ରହୁଛି ଯାଜପୁର ପୋଲିସ୍। ନିୟମିତ ମାସିକ ବଟିନେଇ ଚୁପ୍ ରହୁଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି କୁସୁମାକୁ ପର୍ଯ୍ୟଟକମାନେ ଆସୁଥିବା ଦେଖି ଏଠାରେ ଦେହ ବେପାରୀ ଏବଂ ଦଲାଲଙ୍କ ଭିଡ଼ ଜମୁଛି। ଏଠାରୁ ଗ୍ରାହକ ନେଇ ସ୍ଥାନୀୟ ମଣ୍ଡପ, ଲଜିଂ ଏବଂ ଗେଷ୍ଟ ହାଉସକୁ ଯାଇ ଯୌନ ଲାଳସା ମେଣ୍ଟାଇବା ସହିତ ଯୁବ ପୀଢ଼ିଙ୍କୁ ପଥଭ୍ରଷ୍ଟ କରାଇ ଅସତ ଉପାୟରେ ଟଙ୍କା କମାଉଛନ୍ତି। ସେହିପରି କିଛି ମଣ୍ଡପ, ଲଜିଂ ଏବଂ ଗେଷ୍ଟ ହାଉସରେ ପଡୋଶୀ ରାଜ୍ୟରୁ ଯୁବତୀ ଆଣି ଦେହ ବେପାର କରି ମୋଟା ଅଙ୍କର ଅର୍ଥ କମାଉଛନ୍ତି। ଏହି ଦେହ ବ୍ୟବସାୟ ଦେଶର ବିଭିନ୍ନ ରାଜ୍ୟକୁ ଲମ୍ବିଛି। ଦେହଜିବୀମାନେ ଦିନ ରାତି ସେହି ମଣ୍ଡପ, ଲଜିଂ ଏବଂ ଗେଷ୍ଟ ହାଉସରେ ରହୁଛନ୍ତି କିନ୍ତୁ ପୋଲିସ୍ ଟଙ୍କା ନେଇ ଚୁପ୍ ରହୁଛି ମଝିରେ ମଝିରେ ଲୋକ ଦେଖାଣିଆ ଚଢ଼ଉ କରି ଚୁପ୍ ବସୁଛି ପୋଲିସ୍। ଜିଲ୍ଲା ପୋଲିସର ନିଷ୍କ୍ରୀୟତା ଯୁବକ ଯୁବତୀ ମାନଙ୍କୁ ପଥଭ୍ରଷ୍ଟ କରୁଛି ଏହି ପରି ଖୁଲମ୍ ଖୋଲା ଦେହ ବେପାର ଚାଲୁଥିବାରୁ କଲେଜ ପଢୁଆ ପିଲାମାନେ ପଥଭ୍ରଷ୍ଟ ହେବାର ଦେଖା ଦେଇଛି ଏହି ଘଟଣାଟିକୁ ଯାଜପୁର ସହରବାସୀ ଏବଂ ବୁଦ୍ଧିଜୀବୀ ମହଲରେ ଘୋର ନିନ୍ଦାକରାଯାଇଛି। ଯାଜପୁର ପୋଲିସର ପାରିବା ପଣିଆ ପଦାରେ ପଡ଼ିଛି ମଣ୍ଡପ, ଲଜିଂ ଏବଂ ଗେଷ୍ଟ ହାଉସ ମାନଙ୍କରେ ଅଚାନକ ଚଢ଼ାଉ କରି ଯାଜପୁରର ଗାରିମା ନଷ୍ଟ କରୁଥିବା ଦେହ ବ୍ୟବସାୟ ବନ୍ଦ କରିବା ସହିତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ଦୁର୍ଘଟଣାରେ ବାଇକ ଆରୋହୀଙ୍କ ମୃତ୍ୟୁ

କେନ୍ଦ୍ରାପଡ଼ା, ୨୮।୪: କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ବସପୁର-କେନ୍ଦ୍ରାପଡା ପୂ□ବିଭାଗ ରାସ୍ତାର ଶ୍ୟାମସୁନ୍ଦରପୁର ଗ୍ରାମ ନିକଟରେ ଦୁର୍ଘଟଣାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତବ୍ୟକ୍ତିଙ୍କ କୌଣସି ପରିଚୟ ମିଳିପାରିନାହିଁ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। କିନ୍ତୁ ପରିଚୟ ମିଳିପାରିନଥିବାରୁ ମୃତଦେହକୁ ଚିହ୍ନଟ ପାଇଁ ୩ଦିନ ଶବ ସଂରକ୍ଷଣ ଗୃହରେ ରଖାଯିବ ବୋଲି ପୋଲିସ କହିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଶ୍ୟାମସୁନ୍ଦରପୁର ଗଡା ପାଖ ଶାଖା କେନାଲ ନିକଟରେ ଏକ ଦୋକାନ କରିଥିଲେ।

## ସୀମାନ୍ତରେ ବଡ଼ ଅପେରସନ ଜାରି: ଜଙ୍ଗଲରୁ ବଙ୍କର ଠାବ, ଖାଦ୍ୟପାନୀୟ ସହ ସମସ୍ତ ସୁବିଧା ରହିଛି

ମାଲକାନଗିରି, ୨୮/୪: ମାଲକାନଗିରି ସୀମାନ୍ତ ଛତିଶଗଡର ବିଜାପୁର ଜିଲ୍ଲାରୁ ପୁଣି ଯବାନଙ୍କୁ ମିଳିଛି ଏକ ବଡ଼ ସଫଳତା। ବିଜାପୁର ଏବଂ ସୁକମା ସୀମାନ୍ତବର୍ତ୍ତୀ ଜଂଗଲରେ ନକ୍ସଲ ଲୁଚି ରହିବା ପାଇଁ ମାଓ ସଂଗଠନ ପକ୍ଷରୁ ବଡ଼ ବଡ଼ ବଙ୍କର ନିର୍ମାଣ କରାଯାଇଥିଲା। ଏହି ବଙ୍କରରେ ହିଡମା ଏବଂ ସାଥୀମାନେ ଦିନ ଦିନ ଧରି ଲୁଚି ରହୁଥିଲେ। ଏପରିକି ସୁରକ୍ଷାକର୍ମୀ ନକ୍ସଲଙ୍କୁ ଟାର୍ଗେଟ କରି ଜଂଗଲରେ ସର୍ଚ୍ଚ ଅପରେସନ କରୁଥିବା ବେଳେ ହିଡମା ଏବଂ ସାଥୀ ଏହି ବଙ୍କରରେ ଲୁଚି ରହୁଥିଲେ। ଏହି ବଙ୍କରକୁ ସିମେଣ୍ଟରେ କଂକ୍ରିଟ କରି ତିଆରି କରାଯାଇଥିଲା। ବଙ୍କର ଭିତରେ ରହିବା ଏବଂ ଖାଇବା ପାଇଁ ସମସ୍ତ ସୁବିଧା ରହିଥିଲା। ଦିନ ଦିନ ଧରି ନକ୍ସଲ ଏଠାରେ ଲୁଚି ରହୁଥିଲେ। ବଙ୍କର ଭିତରଟି ସଂପୂର୍ଣ୍ଣ ରୂପେ ବିଳାସପୂର୍ଣ୍ଣ ରହିଥିଲା। ସୁରକ୍ଷାକର୍ମୀଙ୍କ ତରଫରୁ ବଡ ବଡ ଅପରେସନ କରାଯାଉଥିଲେ ମଧ୍ୟ ଦୁର୍ଦ୍ଦାନ୍ତ ନକ୍ସଲ ନେତା ହିଡମା କେଉଁଠି ଲୁଚି ରହୁଥିଲା ତାହା ଜଣାପଡୁନଥିଲା। ଏବେ ସୁରକ୍ଷାକର୍ମୀ ଏହି ବଙ୍କର ଉଦ୍ଧାର କରିବା ପରେ ସବୁ ପର୍ଦ୍ଦାଫାସ ହୋଇଛି। ବଙ୍କରରୁ ଉପର ଭାଗକୁ ପତ୍ର ଏବଂ ମାଟିରେ ଘୋଡାଇ ଦିଆଯାଇଥାଏ। ସୁରକ୍ଷାକର୍ମୀ ଏହାକୁ ସହଜରେ ଜାଣିବା ମୁସ୍କିଲ ହୋଇପଡୁଥିଲା। ତେବେ ଆଉ କିଛି ମାସ ମଧ୍ୟରେ ନକ୍ସଲ ସଂପୂର୍ଣ୍ଣ ମୂଳପୋଛ ହେବେ ବୋଲି ପୁଲିସ ଆଶା ରଖିଛି। ମାଓ ନେତା ହିଡମା ଆଉ ପୁଲିସ ହାତରୁ ଖସିପାରିବ ନାହିଁ ବୋଲି ପୁଲିସ ଏବେ ଆଶା ରଖିଛି। ଖୁବ ଶୀଘ୍ର ମାଓନେତା ହିଡମା ମରିବ ନଚେତ ଧରାପଡ଼ିବ ବୋଲି ପୁଲିସ ଆଶା ପ୍ରକଟ କରିଛି। ଏବେ ଚାଲିଥିବା ବଡ଼ ଏନକାଉଣ୍ଟରରେ ନିର୍ଣ୍ଣାୟକ ଲଢେଇ ହେବ। ଆରପାର ଲଢେଇରେ ନକ୍ସଲ ସମ୍ପୂର୍ଣ୍ଣ ଧ୍ୱଂସ ହେବେ ବୋଲି କୁହାଯାଇଛି। ବଙ୍କର ଭିତରେ ରହିବା ଏବଂ ଖାଇବା ପାଇଁ ସମସ୍ତ ସୁବିଧା ରହିଥିଲା। ଦିନ ଦିନ ଧରି ନକ୍ସଲ ଏଠାରେ ଲୁଚି ରହୁଥିଲେ।

# ପାଣି ପାଇଁ ଚାତକ ୭୨୦ ଗ୍ରାମବାସୀ: ଅଧପନ୍ତରିଆ ୮୫୩ କୋଟିର ପ୍ରକଳ୍ପ

ମାଲକାନଗିରି, ୨୮/୪: ୨୦୨୨ ସୁଦ୍ଧା ଜିଲ୍ଲାରୁ ଦୂର ହେବ ପାନୀୟ ଜଳ ସଙ୍କଟ। ଘରେ ଘରେ ପହଞ୍ଚିବ ପାଣି। ଏହି ଲକ୍ଷ୍ୟ ନେଇ ୨୦୧୯ରେ ମାଲକାନଗିରି ଜିଲ୍ଲାରେ ୧୦ଟି ବୃହତ୍ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ଲାଗି ପଦକ୍ଷେପ ନେଇଥିଲେ ସରକାର। ୨୦୨୨ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟକ୍ଷମ ଲକ୍ଷ୍ୟ ଥିଲା। ହେଲେ ଅବଧି ପୂରି ୩ ବର୍ଷ ବିତିଥିଲେ ମଧ୍ୟ କାମ ସରୁପାରୁନି। ଫଳରେ ୭୨୦ ଖଣ୍ଡ ଗ୍ରାମବାସୀ ପାଣି ପାଇଁ ଚାତକ ଭଳି ଚାହିଁ ରହିଛନ୍ତି। କାଳିମେଳା ବ୍ଲକ୍‌ର ୫ଟି ପଞ୍ଚାୟତର ୨୧ଟି ଗ୍ରାମର ୨୭୬୮୯ ଲୋକଙ୍କ ପାଇଁ ୪୬ କୋଟି ବ୍ୟୟରେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ୨୦୨୦ରୁ ଆରମ୍ଭ ହୋଇଛି। ଆଜି ପର୍ଯ୍ୟନ୍ତ ୭୦ ପ୍ରତିଶତ କାମ ସରିଛି। ସେହିପରି ଏମ୍‌ଭି-୩୯ ଗ୍ରାମରେ ୬୫ କୋଟି ବ୍ୟୟରେ ଚାଲିଥିବା ପ୍ରକଳ୍ପରୁ ମାଲକାନଗିରି ଓ କାଳିମେଳା ବ୍ଲକ୍??ର ୫ଟି ପଞ୍ଚାୟତର ୩୩ଟି ଗାଁର ୩୦,୭୦୨ ଲୋକ ଉପକୃତ ହେବେ। ପ୍ରକଳ୍ପ ଅଧପନ୍ତରିଆ ଅବସ୍ଥାରେ ପଡ଼ିଛି। କୋରୁକୋଣ୍ଡା ବ୍ଲକ୍‌ର ମାରିବେଢ଼ାରେ ୧୨୨ କୋଟିର ନିର୍ମାଣ ହେଉଥିବା ପ୍ରକଳ୍ପ ଦ୍ୱାରା ୧୧ଟି ପଞ୍ଚାୟତର ୮୯ଟି ଗ୍ରାମର ୬୭୩୯୯ ଲୋକ ଉପକୃତ ହେବେ। ପ୍ରକଳ୍ପ କାର୍ଯ୍ୟ ୫୦ ପ୍ରତିଶତ ହିଁ ସରିଛି। ପଡିଆ ବ୍ଲକ୍‌ରେ ମଧ୍ୟ ଚିତ୍ର ସମାନ। ୮ଟି ପଞ୍ଚାୟତର ୪୮ଟି ଗ୍ରାମର ୪୩,୧୯୨ ଲୋକଙ୍କ ପାଇଁ ଏମପିଭି-୬୬ ଗ୍ରାମରେ ୧୦୪ କୋଟି ବ୍ୟୟରେ ନିର୍ମାଣ ହେଉଥିବା ପ୍ରକଳ୍ପ କାର୍ଯ୍ୟ ୫୦ ପ୍ରତିଶତ ହିଁ ସରିଛି। ଚିତ୍ରକୋଣ୍ଡା ବ୍ଲକ୍ ୪ଟି ପଞ୍ଚାୟତର ୧୦,୨୬୯ ଲୋକଙ୍କ ପାଇଁ ୪୩ କୋଟି ବ୍ୟୟରେ ଅରାପଦର ଗ୍ରାମରେ ମେଗା ପ୍ରକଳ୍ପର ନିର୍ମାଣ ଅବଧି ଶେଷ ହୋଇଥିଲେ ମଧ୍ୟ ୨୫ ପ୍ରତିଶତ କାମ ସରିଛି। ଚିତ୍ରକୋଣ୍ଡା ବ୍ଲକ୍‌ର ରାଜଲକୋଣ୍ଡା ଗ୍ରାମରେ ୨୯ କୋଟି ବ୍ୟୟରେ ୨ଟି ପଞ୍ଚାୟତର ୨୧ଟି ଗ୍ରାମର ୧୭୮୭ ପରିବାର ଉପକୃତ ହେବେ। ଏହି ପ୍ରକଳ୍ପର କାର୍ଯ୍ୟ ୧୭ ପ୍ରତିଶତ ହିଁ ସରିଛି। କାଳିମେଳା ବ୍ଲକ୍‌ର ଏମପିଭି-୬ ଗ୍ରାମରେ ନିର୍ମାଣ ହେଉଥିବା ୬ଟି ପଞ୍ଚାୟତର ୩୩ଟି ଗ୍ରାମର ୩୨,୭୫୨ ଲୋକଙ୍କ ପାଇଁ ୮୨ କୋଟି ବ୍ୟୟରେ ଚାଲିଥିବା ପ୍ରକଳ୍ପର କାର୍ଯ୍ୟ ୨୦ ପ୍ରତିଶତ ସରିଛି। କାଳିମେଳା ବ୍ଲକ୍ ପଲୁରରେ ନିର୍ମିତ ୧୫୫ କୋଟିର ପ୍ରକଳ୍ପ ଦ୍ୱାରା ୧୧ଟି ପଞ୍ଚାୟତ ୮୬ ଗ୍ରାମର ୧୩,୮୨୦ ପରିବାର ଉପକୃତ ହେବେ। ପ୍ରକଳ୍ପ କାର୍ଯ୍ୟ ୨୫ ପ୍ରତିଶତ ସରିଛି। ମାଥିଲି ଓ ମାଲକାନଗିରି ବ୍ଲକ୍‌ର ୧୮ଟି ପଞ୍ଚାୟତର ୧୨୧ଟି ଗ୍ରାମର ୧୮,୧୦୪ ପରିବାର ଏବଂ ଖଇରପୁଟ, ମାଥିଲି ଓ ମାଲକାନଗିରି ବ୍ଲକ୍‌ର ୨୬ଟି ପଞ୍ଚାୟତର ୨୧୦ଟି ଗ୍ରାମର ୩୦,୧୪୬ ପରିବାର ପାଇଁ ୨୦୭ କୋଟି ବ୍ୟୟରେ ମାଥିଲି ବ୍ଲକ୍?ର ସାରଦାପୁଟରେ ନିର୍ମାଣ ଚାଲିଛି ପ୍ରକଳ୍ପ। ଆଜି ପର୍ଯ୍ୟନ୍ତ ୨୦ ପ୍ରତିଶତ ହିଁ କାମ ସରିଛି।



PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ